୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.82 Bhubaneswar Thursday May 08 2025 | ୨୭ତମ ବର୍ଷ ସଂଖ୍ୟା–୮୨ ଭୁବନେଶ୍ୱର, ଗୁରୁବାର, ମଇ ୦୮, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ବିଜୁ ବାବୁଙ୍କ ପାଇଁ ଭାରତ ଗର୍ବିତ; ଦ୍ୱିତୀୟ ବିଶ୍ୱଯୁଦ୍ଧ ବିଜୟର ୮୦ ବର୍ଷ ପୂର୍ତ୍ତିରେ ବିଜୁଙ୍କୁ ଋଷ କଲା ସମ୍ମାନିତ



ଭୁବନେଶ୍ୱର,୭।୫(ପି.ଏନ): ବିଜୁ ବାବୁଙ୍କ ଅବଦାନକୁ ସମ୍ମାନ ଜଣାଇ ଋଷ ଦୂତାବାସରେ ଉନ୍ମୋଚିତ ହୋଇଛି ସ୍ମାରକୀ ଫଳକ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ନବୀନ ପଟ୍ଟନାୟକ । ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ ବୋଲି ଏହି ଅବସରରେ ନବୀନ କହିଛନ୍ତି ।ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବିଜୁବାବୁଙ୍କ ସାହସ ଶୌର୍ଯ୍ୟ ଓ ପରାକ୍ରମର ଗାଥା ଆଜି ନୂଆଦିଲ୍ଲୀର ଋଷ ଦୂତାବାସରେ ଗୁଞ୍ଜରିତ ହୋଇଥିଲା । ଷ୍ଟାଲିନ ଗ୍ରାଡ୍ ଅଭିଯାନରେ ବିଜୁବାବୁଙ୍କ ଅବଦାନକୁ ସମ୍ମାନ ଜଣାଇବାକୁ ଋଷିଆ ହାଉସରେ ଆୟୋଜିତ ହୋଇଥିଲା ଭବ୍ୟ ଉତ୍ସବ । ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ବାବୁଙ୍କ ସୁପୁତ୍ର ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଯୋଗଦେଇଥିଲେ । ଭାରତରେ ଋଷର ରାଷ୍ଟ୍ରଦୂତ ଡେନିସ ଅଲିପୋବଙ୍କ ଉପସ୍ଥିତିରେ ବିଜୁ ବାବୁଙ୍କ ଉଦ୍ଦେଶ୍ୟରେ ଦେଶରେ ସମର୍ପିତ ସ୍ମାରକୀ ଫଳକ ଉନ୍ମୋଚନ କରିଥିଲେ ନବୀନ । ମହାନାୟକ ବିଜୁ ପଟ୍ଟନାୟକଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରି ନବୀନ କହିଥିଲେ ଯେ ବିଜୁ ବାବୁଙ୍କ ସାହସ ଓ ପରାକ୍ରମ ପାଇଁ ସାରା ଦେଶ ଗର୍ବିତ । ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଜଣେ ପାଇଲଟ ଭାବରେ ବିଜୁବାବୁ ଅତୁଳନୀୟ ସାହସ ପ୍ରଦର୍ଶନ କରିଥିଲେ । ଷ୍ଟାଲିନ ଗ୍ରାଡ଼ରେ ଅବରୁଦ୍ଧ ଋଷର ସେନାକୁ ଅସ୍ତ୍ର ଶସ୍ତ୍ର ଯୋଗାଇ ନାଜି ବିରୁଦ୍ଧରେ ବିଜୟକୁ ସୁଗମ କରିଥିଲେ ବିଜୁ ପଟ୍ଟନାୟକ । ବିଶ୍ୱକୁ ବିପର୍ଯ୍ୟୟରୁ ବଞ୍ଚାଇଥିଲେ । ବିଜୁ ବାବୁଙ୍କ ଏହି ସାହସ ଓ ପ୍ରତିବଦ୍ଧତା ଭବିଷ୍ୟତ ପିଢ଼ି ପାଇଁ ପ୍ରେରଣା ବୋଲି ନବୀନ କହିଥିଲେ ।ଯେତେବେଳେ ଆତଙ୍କବାଦୀକୁ ନିପାତ କରିବା ପାଇଁ ଭାରତ ଲଢେଇ କରୁଛି , ଠିକ ସେତିକି ବେଳେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାହସ ଶୌର୍ଯ୍ୟ ଓ ପରାକ୍ରମ ପାଇଁ ଋଷ ସମ୍ମାନ ଦିଆଯାଉଛି । ବିଜୁଙ୍କ ସହ ଏହା ଏକ ବଡ ସଂଯୋଗ ବୋଲି ବରିଷ୍ଠ ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି । ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଆଜି ସାରା ବିଶ୍ୱ ବିଜୁଙ୍କ ବୀରତ୍ୱକୁ ମନେପକାଇଛି । ସ୍ୱାଧୀନତା ସଂଗ୍ରାମୀ ପାଇଁ ବିଜୁ ପଟ୍ଟନାୟକ ଯେଉଁ କାମ କରିଥିଲେ ତାହାକୁ ସମସ୍ତେ ଝୁରୁଛନ୍ତି । ବିଜୁବାବୁଙ୍କ ସାହସିକତା ଆଜି ସମସ୍ତଙ୍କ ମନରେ ସାହସ ଭରିଛି ବୋଲି ବିଧାୟକ ସାରଦା ଜେନା କହିଛନ୍ତି । ଋଷ ବିଜୁବାବୁଙ୍କୁ ସମ୍ମାନ ଦେବାରୁ ଦଳମତ ନିର୍ବିଶେଷରେ ସମସ୍ତେ ଗର୍ବିତ ମନେ କରିଛନ୍ତି ।

## ଅପରେସନ୍ ସିନ୍ଦୁରକୁ ନେଇ ଦେଶରେ ଉତ୍ସାହ,ସେନାକୁ ନବୀନ ଜଣାଇଲେ ଶୁଭେଚ୍ଛା



ଭୁବନେଶ୍ୱର,୭।୫(ପି.ଏନ): ଭାରତର ଅପରେସନ ସିନ୍ଦୂର ପରେ ଭାରତୀୟ ସେନାକୁ ସବୁଆଡୁ ଛୁଟୁଛି ପ୍ରଶଂସାର ସୁଅ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି । ଏହାସହ ଏହି ସଫଳ ଏୟାର ଷ୍ଟ୍ରାଇକକୁ ନେଇ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ପ୍ରତିରକ୍ଷା ସଚିବ ସମସ୍ତଙ୍କୁ ମଧ୍ୟ ଅଭିନନ୍ଦନ ଜଣାଯାଇଛି । ଆତଙ୍କବାଦୀଙ୍କୁ ପାତାଳରୁ ବାହାର କରି ମାରିବା ପାଇଁ ଆହ୍ୱାନ ଦିଆଯାଇଥିଲା, ଆଜି ତାହା ହିଁ ହୋଇଛି । ଆମ ସଂସ୍କୃତିରେ 'ସିନ୍ଦୂର'କେବଳ ପରମ୍ପରା ନୁହେଁ, ଏହା ତ୍ୟାଗ ଏବଂ ସଂକଳ୍ପର ପ୍ରତୀକ। ଏହି ଭାବନା ଆମ ସୈନିକମାନଙ୍କ ମନରେ ମଧ୍ୟ ରହିଛି। ଭାରତ ବର୍ତ୍ତମାନ କେବଳ ପ୍ରତିରକ୍ଷା କରୁନାହିଁ ବରଂ ସଂପୂର୍ଣ୍ଣ ଭାବରେ ଆତଙ୍କବାଦକୁ ଉଚ୍ଛେଦ କରିବାକୁ ଆଗେଇ ଚାଲିଛି। ସେନାର ସାହସ ଏବଂ ଦମ୍ଭକୁ ସବୁ କ୍ଷେତ୍ରରୁ ପ୍ରସଂଶା କରାଯାଉଛି । ସେନାର ବିଜୟକୁ ଭାରତର ବିଜୟ ବୋଲି କୁହାଯାଉଛି । ନିରୀହ ଲୋକଙ୍କୁ ମାରିଥିଲା ପାକିସ୍ତାନ, ଭାରତ ପ୍ରତିଶୋଧ ନେଲା । ଭାରତୀୟ ସେନା ସହ ପୂରା ଭାରତ ଛିଡା ହୋଇଛି । ଏପରି ପରି କହି ସମସ୍ତ ରାଜନେତା, ସେଲିବ୍ରିଟି ତଥା ଭାରତର ସବୁ କୋଣ ଅନୁକୋଣରୁ ପ୍ରଶଂସାର ସୁଅ ଛୁଟିଛି । ଅନେକ ସ୍ଥାନରେ ଏହି ସଫଳ ଅପରେସନକୁ ସେଲିବ୍ରେଶନ ମଧ୍ୟ କରାଯାଉଛି । ଓଡିଶାର ଅନେକ ରାଜନେତା ମଧ୍ୟ ସେନାର ସାହାସକୁ ପ୍ରଶଂସା କରିଛନ୍ତି । ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, "ଭାରତୀୟ ସେନା ଆତଙ୍କବାଦୀଙ୍କ ବିରୁଦ୍ଧରେ ଅଭିଯାନରେ ସଫଳତା ହାସଲ କରିଛନ୍ତି । ମୁଁ ସେମାନଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି" ।

## ଏଟିଏମ୍ କାର୍ଡ ଲୁଟ୍ ଘଟଣା: ପଶ୍ଚିମବଙ୍ଗର ୩ ଲୁଟେରା ଗିରଫ

ଖୋର୍ଦ୍ଧା,୭।୫(ପି.ଏନ): ବିଭିନ୍ନ ସମୟରେ ଅଶିକ୍ଷିତ କିମ୍ବା ବୃଦ୍ଧ ବୃଦ୍ଧା ଏଟିଏମ୍ କାଉଣ୍ଟରରୁ ଟଙ୍କା ବାହାର କଲା ବେଳେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହାର ସୁଯୋଗ ନେଇ ପଶ୍ଚିମବଙ୍ଗର ତିନି ସାଇବର ଲୁଟେରା ବିଭିନ୍ନ କାଉଣ୍ଟରରେ ତୀକ୍ଷଣ ନଜର ରଖି ଏଟିଏମ କାର୍ଡ ଚୋରି କରି ଆକାଉଣ୍ଟରୁ ଅର୍ଥ ଲୁଟ୍ କରିବାରେ ସଫଳ ହୋଇଥିଲେ। ଗତ ତିନିମାସ ଧରି ଏହି ପ୍ରକାର ଅଭିଯୋଗ ଖୋର୍ଦ୍ଧା ଜିଲାର ଜଙ୍କିଆ, ନାଚୁଣୀ, ଟାଙ୍ଗି, ବାଲୁଗାଁ ଥାନାରେ ଅଭିଯୋଗ ହୋଇ ଆସୁଥିଲା। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇ ତାଙ୍କଠାରୁ ୫୧ଟି ଏଟିଏମ୍ କାର୍ଡ ଜବତ କରିବା ସହ ଲକ୍ଷାଧିକ ଟଙ୍କା ଜବତ କରିଛି। ଅନ୍ୟ ଏକ ଘଟଣାରେ ବାଲୁଗାଁରେ ଥିବା ଏକ ସର୍ଣ୍ଣ ଅଳଙ୍କାର ଶୋ' ରୁମ୍‌ରୁ ଗତ ୨ ତାରିଖ ରାତିରେ ଚୋରି ହୋଇଥିବା ୭୦ ଗ୍ରାମ ସୁନା, ୪କିଲୋ ରୁପା ସାମଗ୍ରୀ ୨୦୦ଗ୍ରାମ ସୁନା ଅଳଙ୍କାରକୁ ପୋଲିସ ଧରିବାରେ ସଫଳ ହେବା ସହ ଦୁଇଜଣଙ୍କୁ ଗିରଫ କରିଛି ବୋଲି ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ୮ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର,୭।୫: ଆଜି ରାଜ୍ୟ କ୍ୟାବିନେଟର ଏକ ବୈଠକ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲାକ୍ଷ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ହୋଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣ ମାଧ୍ୟମ କୁ ସୂଚନା ଦେଇଥିଲେ ।ମୋଟ ୫ ଟି ବିଭାଗର ୮ ଟି ପ୍ରସ୍ତାବ ଆଗତ କରାଯାଇଥିଲା ଓ ସମସ୍ତ ପ୍ରସ୍ତାବ ଗୁଡ଼ିକ ଆଲୋଚନା ପରେ ଅନୁମୋଦନ କରାଯାଇଥିଲକ୍ଷ ।

## କାହିଁକି ଲସ୍କରର ମୁରିଦକେ ମର୍କଜକୁ ଧ୍ୱଂସ କରିଦେଲା ଭାରତ ?



ଭୁବନେଶ୍ୱର,୭।୫(ପି.ଏନ): ପହଲଗାମ ନରସଂହାରର ବଦଲା ନେବାକୁ ମଙ୍ଗଳବାର ରାତି ୧.୦୫ରୁ ୧.୩୦ ମଧ୍ୟରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ମିସାଇଲ ମାଡ କରିଛି। ଏଥିରେ ଜୈଶ, ଲସ୍କର ଓ ହିଜବୁଲ ମୁଜାହିଦ୍ଦିନର ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଯାଇଛି। ବାହାବଲପୁର ଠାରୁ ମୁରିଦକେ ଓ ମୁଜାଫରବାଦରେ ଥିବା ଆତଙ୍କୀ ଲଞ୍ଚ ପ୍ୟାଡ ଏବଂ ଆଡ୍ଡା ଗୁଡିକ କେମିତି ଭାରତର ଏୟାର ଷ୍ଟ୍ରାଇକରେ ଧ୍ୱଂସ ହୋଇଯାଇଛି, ତା'ର ଗୋଟିଏ ପରେ ଗୋଟିଏ ଛବି ସାମ୍ନାକୁ ଆସିବାରେ ଲାଗିଛି। ପ୍ରଥମେ ବାହାବଲପୁରରେ ଥିବା ଜୈଶ-ଇ-ମହମ୍ମଦ ମୁଖ୍ୟାଳୟ ପୂରା ଛିନ୍ନଛତ୍ର ହୋଇଯାଇଥିବା ଭିଡିଓ ଓ ଫଟୋ ପୂରା ବିଶ୍ୱ ଦେଖିଥିଲା। ଏହାପରେ ମୁରିଦକେରେ ଥିବା ଲସ୍କରର ମୁଖ୍ୟାଳୟ ଧ୍ୱଂସ ହେବାର ଚିତ୍ର ସାମ୍ନାକୁ ଆସିଛି। ସେହିପରି ମୁଜାଫରବାଦରେ ଥିବା ଏକାଧିକ ଲଞ୍ଚ ପ୍ୟାଡ ମଧ୍ୟ ଭାରତର ମିସାଇଲ ମାଡରେ ନଷ୍ଟ ହୋଇଛି।

## ବନ୍ଦେ ଭାରତ ଟ୍ରେନ୍ ଉପରକୁ ଟେକାପଥର ମାଡ଼, ଭାଙ୍ଗିଲା ଝରକା କାଚ



ରାୟଗଡ଼ା,୭।୫(ପି.ଏନ):ରାୟଗଡ଼ା ରେଳ ଷ୍ଟେଶନ ନିକଟବର୍ତ୍ତୀ ଲାଡ଼ା ଷ୍ଟେଶନଠାରେ ବିଶାଖାପାଟଣାଠାରୁ ରାୟପୁର ଯାଉଥିବା ବନ୍ଦେ ଭାରତ ଟ୍ରେନକୁ କେହି ଟେକାପଥର ମାଡ଼ କରିଥିଲେ। ଫଳରେ ଟ୍ରେନ୍‌ର ୧୭୨୯ ଓ ୧୭୩୧ ନମ୍ବର କୋଚ୍‌ର ଝରକା କାଚ୍‌ରେ ଫାଟ ହୋଇଥିବା ଦେଖିବାକୁ ମିଳିଛି। ଖବରପାଇ ରେଳ କର୍ତ୍ତୃପକ୍ଷ ଓ ଆର୍‌ପିଏଫ କର୍ତ୍ତୃପକ୍ଷ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ବନ୍ଦେ ଭାରତ ଟ୍ରେନ୍‌କୁ ସନ୍ଧ୍ୟା ୫ଟାରେ ବିଶାଖାପାଟଣା-ରାୟଗଡ଼ା ରେଳ ଷ୍ଟେଶନ ମଧ୍ୟରେ ଥିବା ରାୟଗଡ଼ା ଜିଲାର ଲାଡା ଷ୍ଟେଶନ ପରି ହେବା ବେଳେ କେହି ଟ୍ରେନ୍ ଉପରକୁ ପଥର ଫୋପାଡ଼ିଥିଲେ। ଫଳରେ ଟ୍ରେନ୍ ଝରକାର କାଚ୍‌ରେ ଫାଟ ହୋଇଛି। ତେବେ କିଏ କାହିଁକି ଏହି ପଥରେ ଫୋପାଡ଼ିଲା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ରେଳ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

## ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ବିଏମସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର,୭।୫(ପି.ଏନ): ଆଜି ଅପରାହ୍ନ ୪ଟାରେ ବାଜିବ ଏୟାର ରେଡ ସାଇରନ୍। ସିଭିଲ ଡିଫେନ୍ସ ମକଡ୍ରିଲ ହେବ। ସେପଟେ ସମ୍ଭାବ୍ୟ ଯୁଦ୍ଧ ପରିସ୍ଥିତିର ମୁକାବିଲା ପାଇଁ ବିଏମ୍‌ସି ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ ଖୋଲାଯାଇଛି। ସିଭିଲ ଡିଫେନ୍ସର ମକଡ୍ରିଲ୍ ପାଇଁ ଏହା କାମ କରିବ। ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣା ବିଏମସିର ଏହି କଣ୍ଟ୍ରୋଲରୁମ ବୁଲି ତଦାରଖ କରିଛନ୍ତି। ଯୁଦ୍ଧ ପରିସ୍ଥିତି ସମୟରେ ସମ୍ଭାବ୍ୟ ଆକାଶ ମାର୍ଗ ଆକ୍ରମଣରୁ ଧନଜୀବନ ସୁରକ୍ଷା ନିମନ୍ତେ ବିଏମ୍‌ସି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। କମିଶନର ରାଜେଶ ପ୍ରଭାକର ପାଟିଲଙ୍କ ପରାମର୍ଶକ୍ରମେ ଆବଶ୍ୟକ ପଦକ୍ଷେପ ନିଆଯାଇଛି ।ବିଏମ୍‌ସି କାର୍ଯ୍ୟାଳୟରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ୧୯୨୯ରେ ଯୋଗାଯୋଗ କରିବାକୁ ଜନ ସାଧାରଣଙ୍କୁ ସେ ପରାମର୍ଶ ଦିଆଯାଇଛି।

## ଭଦ୍ରକ ବାଣ ବିସ୍ଫୋରଣ: ମୃତକଙ୍କ ପରିବାରଙ୍କୁ ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା

ଭୁବନେଶ୍ୱର,୭।୫(ପି.ଏନ): ଚାନ୍ଦବାଲି ଅଞ୍ଚଳର ହଳଦୀଡିହ ଗାଁ'ରେ ବାଣ ଦୁର୍ଘଟଣାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଶ୍ରମିକମାନଙ୍କ ମୃତ୍ୟୁ ଅତି ଦୁଃଖଦାୟକ ବୋଲି କହିଛନ୍ତି ।ଏଥିସହ ମୁଖ୍ୟମନ୍ତ୍ରୀ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିବା ସହ ପରିବାରର ନିକଟତମ ଆତ୍ମୀୟଙ୍କୁ ରାଜ୍ୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି (State Disaster Response Fund)ରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ସୂଚନାଥାଉକି, ଭଦ୍ରକ-ଚାନ୍ଦବାଲି ରାସ୍ତାର ହଳଦୀଡିହରେ ମଙ୍ଗଳବାର ଏକ ବାଣ ଗୋଦାମରେ କାମ ଚାଲିଥିଲା। କେ ?ଣସି କାରଣରୁ ବାଣ ବିସ୍ଫୋରଣ ଘଟିଥିଲା। ଏଥିରେ ୫ ଜଣ ଗୁରୁତରଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ସୂଚନା ରହିଛି ।ମଙ୍ଗଳବାର ସକାଳୁ କେଉଁ କାରଣରୁ ହଳଦୀଡିହ ଛକ ନିକଟରେ ଥିବା ବାଣ ଗୋଦାମରେ ନିଆଁଲାଗି ବିସ୍ଫୋରଣ ହୋଇଥିଲା । ଏନେଇ ଭଦ୍ରକ ଅଗ୍ନିଶମ ବିଭାଗ କୁ ଖବର ଦିଆଯାଇଥିଲା । ଘଟଣା ସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁ ଲିଭାଇବା ସହ ବହୁ କଷ୍ଟରେ ଗୁରୁତର ଆହତଙ୍କୁ ଗୋଦାମରୁ ବାହାର କରିଥିଲା । ବିସ୍ଫୋରଣରେ ଲକ୍ଷାଧିକ ଟଙ୍କାର ବାଣ ନଷ୍ଟ ହୋଇଥିବା ଜଣାପଡିଛି ।

## ଅପରେସନ୍ ସିନ୍ଦୁରକୁ ନେଇ ଦେଶରେ ଉତ୍ସାହ,ସେନାକୁ ନବୀନ ଜଣାଇଲେ ଶୁଭେଚ୍ଛା

ଭୁବନେଶ୍ୱର,୭।୫(ପି.ଏନ): ଭାରତର ଅପରେସନ ସିନ୍ଦୂର ପରେ ଭାରତୀୟ ସେନାକୁ ସବୁଆଡୁ ଛୁଟୁଛି ପ୍ରଶଂସାର ସୁଅ । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ମଧ୍ୟ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି । ଏହାସହ ଏହି ସଫଳ ଏୟାର ଷ୍ଟ୍ରାଇକକୁ ନେଇ ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, ପ୍ରତିରକ୍ଷା ସଚିବ ସମସ୍ତଙ୍କୁ ମଧ୍ୟ ଅଭିନନ୍ଦନ ଜଣାଯାଇଛି । ଆତଙ୍କବାଦୀଙ୍କୁ ପାତାଳରୁ ବାହାର କରି ମାରିବା ପାଇଁ ଆହ୍ୱାନ ଦିଆଯାଇଥିଲା, ଆଜି ତାହା ହିଁ ହୋଇଛି । ଆମ ସଂସ୍କୃତିରେ 'ସିନ୍ଦୂର'କେବଳ ପରମ୍ପରା ନୁହେଁ, ଏହା ତ୍ୟାଗ ଏବଂ ସଂକଳ୍ପର ପ୍ରତୀକ। ଏହି ଭାବନା ଆମ ସୈନିକମାନଙ୍କ ମନରେ ମଧ୍ୟ ରହିଛି। ଭାରତ ବର୍ତ୍ତମାନ କେବଳ ପ୍ରତିରକ୍ଷା କରୁନାହିଁ ବରଂ ସଂପୂର୍ଣ୍ଣ ଭାବରେ ଆତଙ୍କବାଦକୁ ଉଚ୍ଛେଦ କରିବାକୁ ଆଗେଇ ଚାଲିଛି। ସେନାର ସାହସ ଏବଂ ଦମ୍ଭକୁ ସବୁ କ୍ଷେତ୍ରରୁ ପ୍ରସଂଶା କରାଯାଉଛି । ସେନାର ବିଜୟକୁ ଭାରତର ବିଜୟ ବୋଲି କୁହାଯାଉଛି ।ନିରୀହ ଲୋକଙ୍କୁ ମାରିଥିଲା ପାକିସ୍ତାନ, ଭାରତ ପ୍ରତିଶୋଧ ନେଲା । ଭାରତୀୟ ସେନା ସହ ପୂରା ଭାରତ ଛିଡା ହୋଇଛି । ଏପରି ପରି କହି ସମସ୍ତ ରାଜନେତା, ସେଲିବ୍ରିଟି ତଥା ଭାରତର ସବୁ କୋଣ ଅନୁକୋଣରୁ ପ୍ରଶଂସାର ସୁଅ ଛୁଟିଛି । ଅନେକ ସ୍ଥାନରେ ଏହି ସଫଳ ଅପରେସନକୁ ସେଲିବ୍ରେଶନ ମଧ୍ୟ କରାଯାଉଛି । ଓଡିଶାର ଅନେକ ରାଜନେତା ମଧ୍ୟ ସେନାର ସାହାସକୁ ପ୍ରଶଂସା କରିଛନ୍ତି । ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭାରତୀୟ ସେନାକୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ, "ଭାରତୀୟ ସେନା ଆତଙ୍କବାଦୀଙ୍କ ବିରୁଦ୍ଧରେ ଅଭିଯାନରେ ସଫଳତା ହାସଲ କରିଛନ୍ତି । ମୁଁ ସେମାନଙ୍କୁ ହୃଦୟର ସହିତ ଅଭିନନ୍ଦନ ଜଣାଉଛି"।

## କାଲିଠୁ କଲବଲ କରିବ ତାତି, ହିଟୱେଭ ଆଲର୍ଟ ଜାରି



ଭୁବନେଶ୍ୱର,୭।୫(ପି.ଏନ): ମେ ୮ରୁ ୧୩ ପର୍ଯ୍ୟନ୍ତ ଓଡ଼ିଶାରେ ଗରମ ସହ ଗୁଳୁଗୁଳି ଅନୁଭୂତ ହେବାର ସମ୍ଭାବନା ଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ବୁଧବାର ସୂଚନା ଦେଇଛି ।ମେ ୭ରେ ଅପରାହ୍ନ/ସନ୍ଧ୍ୟା ସମୟରେ ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କେନ୍ଦୁଝର ଏବଂ କଳାହାଣ୍ଡି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ୩୦-୪୦ କିଲୋମିଟର ବେଗରେ ପବନ ବହିବା ସହିତ ଝଡ଼ବର୍ଷା ଜାରି ରହିପାରେ। ଏହି ସମୟ ମଧ୍ୟରେ ମୟୂରଭଞ୍ଜ, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କେନ୍ଦୁଝର, କଳାହାଣ୍ଡି, ଅନୁଗୁଳ, ବୌଦ୍ଧ ଏବଂ ଢେଙ୍କାନାଳର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ମଧ୍ୟ ହୋଇପାରେ।

## ସୀମାରେ ଗୁଳି ବିନିମୟ: ୨୬ ମାଓବାଦୀ ନିହତ



ମାଲକାନଗିରି,୭।୫(ପିଏନ):ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଓ ତେଲଙ୍ଗାନା ସୀମାବର୍ତ୍ତୀ ଅଞ୍ଚଳ କେରାଗୁଟା ଜଙ୍ଗଲରେ ଆଜକୁ ୧୬ ଦିନ ଧରି ସିଆର୍‌ପିଏଫ୍, ଡିଆରଜି, ଏସ୍.ଟି.ଏଫ୍. ଯବାନମାନେ ଅପରେଶନ ଜାରି ରହିଛି। ତେବେ କେରାଗୁଟା ଜଙ୍ଗଲରେ ଏକ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ରହିଥିବା ଗୋଇନ୍ଦା ସୂତ୍ରରୁ ଖବର ପାଇ ୧୬ ଦିନ ପୂର୍ବରୁ ଯବାନମାନେ ସମ୍ପୂର୍ଣ୍ଣ କେରାଗୁଟା ଜଙ୍ଗଲ, ପାହାଡ଼କୁ ଘେରାଉ କରି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ଉକ୍ତ ଜଙ୍ଗଲରେ ଗତ ଏକ ସପ୍ତାହ ପୂର୍ବରୁ ମାଓବାଦୀଙ୍କ କ୍ୟାମ୍ପ ଠାବ କରିଥିବା ବେଳେ ବହୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରିଥିଲେ। ତେବେ ଆଜି କେରାଗୁଟା ପାହାଡ଼ରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ୨୬ ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଏହି ଅପରେଶନରେ ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଯବାନମାନେ ସମ୍ପୂର୍ଣ୍ଣ ଜଙ୍ଗଲ ଓ ପାହାଡ଼କୁ ଘେରାବନ୍ଦୀ କରି ରଖିଥିବାବେଳେ ଏହି ଜଙ୍ଗଲ ଓ ପାହାଡ଼ରେ ଟପ୍ କ୍ୟାଡର ମାଓବାଦୀମାନେ ଓ ମାଓବାଦୀ ନେତାମାନେ ଉପସ୍ଥିତ ଥିବା ଜଣାପଡ଼ିଛି। ଏହି ଆକ୍ରମଣରେ ପ୍ରାୟ ୬ ଜଣ ଯବାନ ନିହତ ହୋଇଥିବାବେଳେ ଶତାଧିକ ଅସ୍ତ୍ରଶସ୍ତ୍ର ଜବତ କରିଛନ୍ତି। ଏହି ଅଞ୍ଚଳ ମାଓବାଦୀଙ୍କ ଆଡ୍ଡା ହୋଇଥିବାବେଳେ ଏଠାରେ ମାଓବାଦୀଙ୍କ ଦ୍ୱାରା ଶହ ଶହ ଲ୍ୟାଣ୍ଡମାଇନ ବିଛାଯାଇଛି ଏବଂ ତାଙ୍କ ନିକଟରେ ମଧ୍ୟ ବନ୍ଧୁକ, ଗୋଳାବାରୁଦ ବିପୁଳ ସଂଖ୍ୟାରେ ଥିବା ଜଣାପଡ଼ିଛି। ଏହି ଅପରେଶନ ବର୍ତ୍ତମାନ ସୁଦ୍ଧା ଜାରି ରହିଥିବାବେଳେ ଆଗାମୀ ଦିନରେ ଏହି ଅପରେଶନର ଫଳାଫଳ କଣ ହେବ ତାହା ଦେଖିବାକୁ ବାକି ରହିଲା। ଅନ୍ୟ ପଟେ ଯବାନମାନେ ଅପରେଶନରେ ଜବତ କରିଥିବା ଅସ୍ତ୍ରଶସ୍ତ୍ର ଓ ମୃତ୍ୟୁବରଣ କରିଥିବା ମାଓବାଦୀଙ୍କ ସମ୍ପୂର୍ଣ୍ଣ ତଥ୍ୟ ବର୍ତ୍ତମାନ ସୁଦ୍ଧା ଦେଇ ନ ଥିବାରୁ ଜଙ୍ଗଲରୁ ସମ୍ପୂର୍ଣ୍ଣ ଖବର ଆସିବା ପରେ ଏହାର ତଥ୍ୟ ପ୍ରଦାନ କରାଯିବ ବୋଲି ଉଭୟ ରାଜ୍ୟର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର,୭।୫(ପି.ଏନ): ଆଜି ଅପରାହ୍ନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି ମଂଚେଶ୍ୱର ରେଲୱେ ରୋଡସ୍ଥିତ ରାଜ୍ୟ ବିଦ୍ୟୁତ ଭାର ପ୍ରେରଣ କେନ୍ଦ୍ର (ଏସ୍‌ଏଲ୍‌ଡିସି) ପରିଦର୍ଶନ କରିଛନ୍ତି। ଏହି ଅବସରରେ ରାଜ୍ୟପାଳ ଏସଏଲଡିସିର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ସହିତ ଏହାର ନିୟନ୍ତ୍ରଣ କକ୍ଷ (କଂଟ୍ରୋଲ ରୁମ୍) ପରିଦର୍ଶନ କରି ସେଠାରେ ଚାଲୁଥିବା ବିଭିନ୍ନ କାର୍ଯ୍ୟକଳାପ ସଂମ୍ପର୍କରେ କ[illegible]ୃପକ୍ଷଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ଏସ୍‌ଏଲ୍‌ଡିସିର କାର୍ଯ୍ୟାବଳୀ, ରାଜ୍ୟର ବିଦ୍ୟୁତ ବ୍ୟବସ୍ଥାରେ ଏହାର ଗୁରୁତ୍ୱ ଏବଂ ବିଦ୍ୟୁତ ଗ୍ରୀଡର ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା କିପରି କାର୍ଯ୍ୟ କରୁଛି ସେ ବିଷୟରେ କର୍ମକ[illegible]। ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ। ଏସ୍‌ଏଲ୍‌ଡିସିର ଅଧିକାରୀମାନେ ରାଜ୍ୟରେ ବିଦ୍ୟୁତ ଚାହିଦା ଓ ଯୋଗାଣର ସ[illegible]ୁଳନ ରକ୍ଷା, ଗ୍ରୀଡ ସ୍ଥିରତା ସୁନିଶ୍ଚିତ କରିବା ଏବଂ ଆଧୁନିକ ପ୍ରଯୁକ୍ତି ବ୍ୟବହାର ମାଧ୍ୟମରେ ବିଦ୍ୟୁତ ବଂଟନକୁ ଅଧିକ କ୍ରିୟାଶୀଳ କରିବା ଆଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ଜରୁରୀକାଳୀନ ପରିସ୍ଥିତିରେ ତ୍ୱରି' ପଦକ୍ଷେପ ଗ୍ରହଣ ଏବଂ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ଗ୍ରୀଡ ସହ ସମନ୍ୱୟ ରକ୍ଷା କରିବାରେ ଏସଏଲଡିସିର କାର୍ଯଧାରା ସଂପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା ।ଏହି ପରିଦର୍ଶନ ସମୟରେ ଏସ୍‌ଏଲ୍‌ଡିସିର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଶ୍ରୀ ବି ବି ମେହତାଙ୍କ ସମେତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୮

# ରେଡ୍‌କ୍ରସ ଏକ ଗୁରୁତ୍ୱପୂର୍ଣ୍ଣ ମାନବିକ ସଙ୍ଗଠନ ଯାହାର ମୁଖ୍ୟଲକ୍ଷ୍ୟ ହେଉଛି ମାନବ ସେବା


ପ୍ରମୋଦ କିଶୋର ପରିଡ଼ା

ପ୍ରତିବର୍ଷ ମେ ୮ ତାରିଖରେ ପାଳିତ ହେଉଥିବା ବିଶ୍ୱ ରେଡକ୍ରସ୍ ଦିବସ, ଆନ୍ତର୍ଜାତୀୟ ରେଡକ୍ରସ୍ ଏବଂ ରେଡକ୍ରିସେଣ୍ଟ ଆନ୍‌ଦୋଳନର ମାନବିକ କାର୍ଯ୍ୟକୁ, ବିଶେଷକରି ସ୍ୱେଚ୍ଛାସେବକ ଏବଂ କର୍ମଚାରୀମାନଙ୍କୁ ସମ୍ମାନିତ କରେ ଯେଉଁମାନେ ଅନ୍ୟମାନଙ୍କୁ ସାହାଯ୍ୟ କରିବା ପାଇଁ ନିଜ ଜୀବନକୁ ବାଜି ଲଗାନ୍ତି । ଏହା ରେଡକ୍ରସର ପ୍ରତିଷ୍ଠାତା ହେନରୀ ଡୁନାଣ୍ଟଙ୍କ ଜନ୍ମଦିନକୁ ମଧ୍ୟ ମନେ ପକାଏ । ଏହି ଦିବସ ସଂଗଠନର ନୀତି, ମିଶନ ଏବଂ କାର୍ଯ୍ୟକଳାପ ବିଷୟରେ ସଚେତନତା ସୃଷ୍ଟି କରେ, ସଙ୍କଟର ସମ୍ମୁଖୀନ ହେବା ସମୟରେ ଏକତା, ସଂହତି ଏବଂ କରୁଣାକୁ ପ୍ରୋତ୍ସାହିତ କରେ ।

ଆମେ କାହିଁକି ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରୁ ସେ ବିଷୟରେ ଏଠାରେ ଏକ ବିସ୍ତୃତ ଦୃଷ୍ଟିକୋଣ ଦିଆଯାଇଛି:

୮ ମଇ ୧୮୨୮ ରେ ସ୍ୱିଜରଲ୍ୟାଣ୍ଡର ଜେନେଭାରେ ଜନ୍ମଗ୍ରହଣ କରିଥିଲେ ଏବଂ ୩୦ ଅକ୍ଟୋବର ୧୯୧୦ ରେ ସ୍ୱିଜରଲ୍ୟାଣ୍ଡର ହାଇଡେନ୍ ଠାରେ ମୃତ୍ୟୁବରଣ କରିଥିଲେ । ସେ (ଓଉଜଉ) ଆନ୍ତର୍ଜାତୀୟ ରେଡକ୍ରସ୍ କମିଟିର ପ୍ରତିଷ୍ଠାତା ଏବଂ ୧୯୦୧ ରେ ପ୍ରଥମ ନୋବେଲ ଶାନ୍ତି ପୁରସ୍କାର ପ୍ରାପ୍ତ କରିଥିଲେ ।

ରେଡକ୍ରସ ଏକ ଗୁରୁତ୍ୱପୂର୍ଣ୍ଣ ମାନବିକ ସଂଗଠନ ଯାହାର ମୁଖ୍ୟ ଲକ୍ଷ୍ୟ ହେଉଛି ମାନବ ଦୁଃଖକୁ ରୋକିବା ଏବଂ ହ୍ରାସ କରିବା, ବିଶେଷକରି ଜରୁରୀକାଳୀନ ପରିସ୍ଥିତି ଏବଂ ସଶସ୍ତ୍ର ସଂଘର୍ଷର ମୁକାବିଲା କରିବା । ଏହାର ଗୁରୁତ୍ୱ ଏହାର ବିଶ୍ୱବ୍ୟାପୀ ନେଟୱାର୍କ, ନିରପେକ୍ଷତା ଏବଂ ନିରପେକ୍ଷତା ପ୍ରତି ପ୍ରତିବଦ୍ଧତା, ଏବଂ ବିପର୍ଯ୍ୟୟ ସହାୟତା, ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନ ଏବଂ ଆନ୍ତର୍ଜାତୀୟ ମାନବିକ ଆଇନକୁ ପ୍ରୋତ୍ସାହିତ କରିବା ସହିତ ବିଭିନ୍ନ କାର୍ଯ୍ୟକଳାପରୁ ଉତ୍ପନ୍ନ ହୁଏ ।

୧୮୮୧ ମସିହାରୁ, ଆମେରିକୀୟ ରେଡକ୍ରସ୍ ନିରନ୍ତର ଭାବରେ ଅନେକ ସାମଗ୍ରୀ ଏବଂ ସେବା ସହିତ ଜଡିତ ରେଡକ୍ରସ୍ ପ୍ରତୀକ ବ୍ୟବହାର କରିଆସୁଛି, ଯେଉଁଥିରେ ପାଣି ସଂଗ୍ରହ, ରକ୍ତ ସଂଗ୍ରହ, ସ୍ୱାସ୍ଥ୍ୟ ଏବଂ ସୁରକ୍ଷା, ଶିକ୍ଷା ଏବଂ ତାଲିମ, ଚିକିତ୍ସା, ଦନ୍ତ, ନର୍ସିଂ, ପ୍ରାଥମିକ ଚିକିତ୍ସା, ମାନବିକ ସହାୟତା, ଏବଂ ଜରୁରୀକାଳୀନ ଏବଂ ବିପର୍ଯ୍ୟୟ ... ଅନ୍ତର୍ଭୁକ୍ତ ।

ରେଡକ୍ରସ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ଲୋକଙ୍କୁ ଆଶ୍ରୟ ଦିଏ, ଖାଦ୍ୟ ଦିଏ ଏବଂ ସାନ୍ତ୍ୱନା ପ୍ରଦାନ କରେ; ଦେଶର ପ୍ରାୟ ୪୦% ରକ୍ତ ଯୋଗାଣ କରେ; ଜୀବନ ରକ୍ଷା କରୁଥିବା କୌଶଳ ଶିକ୍ଷା ଦିଏ; ଜୀବନ ପ୍ରତି ବିପଦପୂର୍ଣ୍ଣ ଜରୁରୀକାଳୀନ ପରିସ୍ଥିତିରେ କ'ଣ କରିବାକୁ ହେବ ତାହା ମନେ ରଖିବା ପାଇଁ ରେଡକ୍ରସ ସେମାନଙ୍କର ପ୍ରାଥମିକ ଚିକିତ୍ସା ପାଠ୍ୟକ୍ରମରେ ନ୍ତଚେକ୍, କଲ୍, କେୟାରନ୍ତ ତିନି ସୂତ୍ର ବ୍ୟବହାର କରେ । ଏହି ଦିନଟି ରେଡକ୍ରସ ଏବଂ ରେଡକ୍ରିସେଣ୍ଟ ଆନ୍‌ଦୋଳନର ମାନବିକ ମୂଲ୍ୟବୋଧ ଏବଂ କାର୍ଯ୍ୟକଳାପକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରେ । ଏହି ସଂଘଗୁଡ଼ିକ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ, ସଶସ୍ତ୍ର ସଂଘର୍ଷ ଏବଂ ବିଭିନ୍ନ ସଙ୍କଟ ଦ୍ୱାରା ପ୍ରଭାବିତ ଲୋକଙ୍କୁ ସାହାଯ୍ୟ ଏବଂ ସହାୟତା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି, ସବୁଠି । ରେଡକ୍ରସର ସ୍ୱେଚ୍ଛାସେବକମାନେ ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରିବା ପାଇଁ କାର୍ଯ୍ୟ କରନ୍ତି – ସଙ୍କଟରେ ଥିବା ଲୋକଙ୍କୁ ରିଲିଫ୍ ଏବଂ ସମର୍ଥନ ପ୍ରଦାନ କରିବା ଠାରୁ ଆରମ୍ଭ କରି ପରିବାର ଏବଂ ସମ୍ପ୍ରଦାୟକୁ ଜରୁରୀକାଳୀନ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ । ...

୧=ବିପର୍ଯ୍ୟୟ ସହାୟତା ।

୨=ରକ୍ତ ସେବା ।

୩=ତାଲିମ ଏବଂ ପ୍ରମାଣପତ୍ର ।

୪=ସଶସ୍ତ୍ର ବାହିନୀକୁ ସେବା ।

୫=ଆନ୍ତର୍ଜାତୀୟ ସେବା ମାନ ପ୍ରଦାନ କରିଥାଏ ।

ଏହା ଐତିହ୍ୟ ୧୯୨ଟି ଜାତୀୟ ସମାଜ ଗଠନକୁ ପ୍ରେରଣା ଦେଇଛି, ଯାହା ରେଡକ୍ରସ୍ ଏବଂ ରେଡକ୍ରିସେଣ୍ଟ ଆନ୍‌ଦୋଳନକୁ ଆଜି ବିଶ୍ୱର ସର୍ବବୃହତ ମାନବିକ ନେଟୱାର୍କରେ ପରିଣତ କରିଛି ସମ୍ପୂର୍ଣ୍ଣ ବିଶ୍ୱରେ ପ୍ରଭାବ ପକାଇପାରିବା ଭଳି ବାର୍ଷିକ କାର୍ଯ୍ୟ ... ଯାହା ଶାନ୍ତି ପାଇଁ ଏକ ପ୍ରମୁଖ ଅବଦାନ ନ୍ତ ପ୍ରଥମ ବିଶ୍ୱଯୁଦ୍ଧ ପରେ ପ୍ରଚଳିତ ହୋଇଥିଲା । ନ୍ତରେଡକ୍ରସ୍ ଯୁଦ୍ଧବିରୋଧୀନ୍ତ ନାମରେ ଜଣାଶୁଣା ଏହି ପଦକ୍ଷେପକୁ ରେଡକ୍ରସ୍ର ୧୪ତମ ଅନ୍ତର୍ଜାତୀୟ ସମ୍ମିଳନୀରେ ପ୍ରତିଷ୍ଠିତ ଏକ ଅନ୍ତର୍ଜାତୀୟ କମିଶନ ଦ୍ୱାରା ଅଧ୍ୟୟନ କରାଯାଇଥିଲା । ୧୯୩୪ ମସିହାରେ ଟୋକିଓରେ ଅନୁଷ୍ଠିତ ୧୫ତମ ଅନ୍ତର୍ଜାତୀୟ ରେଡକ୍ରସ୍ ସମ୍ମିଳନୀରେ ଉପସ୍ଥାପିତ ଏହାର ରିପୋର୍ଟକୁ ଅନୁମୋଦନ କରାଯାଇଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ, ୧୯୪୬ ମସିହାରେ, ଟୋକିଓ ପ୍ରସ୍ତାବକୁ ଲିଗ୍ ଅଫ୍ ରେଡକ୍ରସ୍ ସୋସାଇଟିଜ୍ (ଖଜଉଝ) ଦ୍ୱାରା ପ୍ରଚଳନ କରାଯାଇଥିଲା, ଯାହାକୁ ୧୯୯୧ ମସିହାରେ ଇଣ୍ଟରନ୍ୟାସନାଲ୍ ଫେଡେରେସନ୍ ଅଫ୍ ରେଡକ୍ରସ୍ ଆଣ୍ଡ ରେଡକ୍ରିସେଣ୍ଟ ସୋସାଇଟିଜ୍ (ଓରଜଉ) ନାମ ଦିଆଯାଇଥିଲା । ଦୁଇ ବର୍ଷ ପରେ, ଯୁଦ୍ଧବିରୋଧୀର ନୀତି ଏବଂ ବିଶ୍ୱର ବିଭିନ୍ନ ଅଞ୍ଚଳରେ ଏହାର ପ୍ରଯୁଜ୍ୟତା ଉପରେ ବିଚାର କରି, ଏକ ବାର୍ଷିକ ଅନ୍ତର୍ଜାତୀୟ ରେଡକ୍ରସ୍ ଦିବସର ପ୍ରସ୍ତାବ ଗ୍ରହଣ କରାଯାଇଥିଲା ଏବଂ ପ୍ରଥମ ରେଡକ୍ରସ୍ ଦିବସ ୮ ମଇ ୧୯୪୮ ରେ ପାଳନ କରାଯାଇଥିଲା । ସମୟ ସହିତ ଏହି ଦିନର ସରକାରୀ ଶୀର୍ଷକ ପରିବର୍ତ୍ତନ ହୋଇଥିଲା ଏବଂ ୧୯୮୪ ମସିହାରେ ନ୍ତବିଶ୍ୱ ରେଡକ୍ରସ୍ ଏବଂ ରେଡକ୍ରିସେଣ୍ଟ ଦିବସନ୍ତ ହୋଇଗଲା ।

୨୦୨୫ ମସିହାରେ ଆମେ ଏହି ଅବସରକୁ ପାଳନ କରୁଥିବା ସମୟରେ, ନ୍ତମାନବତାକୁ ଜୀବିତ ରଖିବାନ୍ତ ବିଷୟବସ୍ତୁ ମାନବିକ ମର୍ଯ୍ୟାଦା ବଜାୟ ରଖିବା, ଦୁଃଖ ଦୂର କରିବା ଏବଂ ଗୁରୁତର ପରିସ୍ଥିତିର ସମ୍ମୁଖୀନ ହେଉଥିବା ଲୋକଙ୍କୁ ସହାୟତା ପ୍ରଦାନ କରିବା ପାଇଁ ଆନ୍ତର୍ଜାତୀୟ ରେଡକ୍ରସ୍ ଏବଂ (ଆନ୍‌ଦୋଳନ) ର ସ୍ଥାୟୀ ପ୍ରତିବଦ୍ଧତାର ଏକ ମର୍ମସ୍ପର୍ଶୀ ସ୍ମରଣକାରୀ ଭାବରେ କାର୍ଯ୍ୟ କରେ... । ଆସନ୍ତୁ, ଆବଶ୍ୟକ ସ୍ଥାନରେ କରୁଣା, ସହାନୁଭୂତି ଏବଂ ସାହାଯ୍ୟ ପ୍ରସାର କରିବାକୁ ପ୍ରତିଜ୍ଞା କରିବା । ବିଶ୍ୱ ରେଡକ୍ରସ୍ ଦିବସରେ, ନୀରବରେ କାମ କରୁଥିବା ଅଜ୍ଞାତ ନାୟକମାନଙ୍କ ପ୍ରତି କୃତଜ୍ଞ ହେବା ।

*ସାମ୍ବାଦିକ ଓ ସମ୍ପାଦକ*
*ସମରକ୍ରାନ୍ତିସେନା, ଓଡ଼ିଶା*

---

# ମାନବ ରକ୍ତ...ଜୀବନ ରକ୍ତ

ପବିତ୍ର ବ୍ରହ୍ମାଣ୍ଡ ଯେପରି ପଞ୍ଚମହାଭୂତ ଯଥା-ପୃଥିବୀ, ତେଜ, ଆକାଶ, ବାୟୁ ଓ ଜଳର ସମଷ୍ଟିରୁ ସୃଷ୍ଟି, ଠିକ୍ ସେହିପରି ମନୁଷ୍ୟ ଶରୀର ମଧ୍ୟ ପଞ୍ଚମହାଭୂତର ସମ୍ମିଶ୍ରଣରେ ଜୀବନ୍ତ ଓ ଚଳଚଞ୍ଚଳ । ମାନବ ଶରୀରର ପ୍ରତ୍ୟେକ ଅଙ୍ଗ ଏକ ବା ଏକାଧିକ ମହାଭୂତର ପ୍ରଭାବରେ ପ୍ରଭାବିତ । ସ୍ଥୂଳ ଭାବରେ ମାନବ ଶରୀର ରକ୍ତ, ମାଂସ, ହାଡ଼ ଆଦିର ସାମଗ୍ରିକ ପରିପ୍ରକାଶ କୁହାଯାଉଥିବା ବେଳେ ପ୍ରକୃତରେ ଏହା ସପ୍ତଧାତୁର ସମାହାର ଅଟେ । ଏହି ସପ୍ତଧାତୁ, ଯଥା-ରସ, ରକ୍ତ, ମାଂସ, ଅସ୍ଥି, ମେଦ, ମଜ୍ଜା ଓ ଶୁକ୍ର ମାନବ ଶରୀରରେ ବିଦ୍ୟମାନ ହୋଇ ଶରୀରକୁ ଚଳଚଞ୍ଚଳ କରିବା ସହ ଇତର ଜଗତର ସର୍ବଶ୍ରେଷ୍ଠ ଜୀବର ମାନ୍ୟତା ପ୍ରଦାନ କରିଥାଏ । ମାନବ ଶରୀରରେ ଧାତୁ ଯେପରି ସକରାତ୍ମକ ପ୍ରଭାବ ପକାଇଥାଏ ଠିକ୍ ସେହିପରି ବିଭିନ୍ନ ଦୋଷ ଓ ମଳ ମଧ୍ୟ ନକରାତ୍ମକ ପ୍ରଭାବ ପକାଏ । ଧାତୁ, ଦୋଷ ଓ ମଳର ଉପଯୁକ୍ତ ସନ୍ତୁଳନ ଉପରେ ହିଁ ସମଗ୍ର ମାନବ ଶରୀର ବିଦ୍ୟମାନ । ଦୋଷ ଯଥା-ବାତ, ପିତ ଓ କଫ ଏବଂ ମଳ ଯଦି ଦୋଷଯୁକ୍ତ ହୋଇ ଅସନ୍ତୁଳିତ ହେଲେ ତେବେ ଧାତୁ ଉପରେ ଅନେକ କୁପ୍ରଭାବ ପକାଇଥାଏ, ଫଳରେ ମନୁଷ୍ୟ ରୋଗାଗ୍ରସ୍ତ ହୋଇଥାଏ । ଧାତୁ ସରଣୀରେ ରକ୍ତର ସ୍ଥାନ ଦ୍ୱିତୀୟରେ ଥିବାରୁ ରକ୍ତ ଆବଶ୍ୟକତା ଓ ପ୍ରାଧାନ୍ୟ ସହଜେ ଅନୁଭୂତ ।

'ରକ୍ତ' ନାମକରଣକୁ ଅନୁଶୀଳନ କଲେ ଏହା ଜ୍ଞାତ ହୁଏ ଯେ, ର(ଧାତୁ) + କର୍ତ୍ତୃଅକ = ରକ୍ତ ଯାହା ରଙ୍ଗ କରେ । ଅତଏବ ମନୁଷ୍ୟ ଶରୀରରେ ରକ୍ତ ହିଁ ଏକ ରଙ୍ଗ ପ୍ରଦାନ କରିଥାଏ । ଏଣୁ ରକ୍ତକୁ ରିତ କଣିକା ମଧ୍ୟ କୁହାଯାଏ । ଏହାର ପର୍ଯ୍ୟାୟବାଚୀ ଶବ୍ଦ ଭାବେ ରୁଧିର, ଶୋଣିତ, ଅସ୍ଥକ, ଲୋହିତ, ଅଶ୍ର, କ୍ଷତଜ ରୂପେ ଗ୍ରହଣ କରାଯାଏ ।

ଖାଦ୍ୟ ଯେପରି ମନୁଷ୍ୟ ପାଇଁ ପ୍ରଥମ ଆବଶ୍ୟକତା, ଯାହା ରସ ସୃଷ୍ଟିର ମାଧ୍ୟମ ହୋଇଥାଏ, ଠିକ୍ ସେହିପରି ରକ୍ତ ମଧ୍ୟ ରସ ବାଦ୍ ଶରୀର ପାଇଁ ଅତ୍ୟନ୍ତ ଆବଶ୍ୟକ ହୋଇଥାନ୍ତି । ଶୁଶ୍ରୁତଙ୍କ ମତରେ ବାତ, କଫ, ପିତ ଓ ରକ୍ତ ବିନା ମାନବ ଶରୀରର ଅସ୍ତିତ୍ୱ ରହି ନ ଥାଏ ।

ସାରସ୍ୱତ ଅନୁଶୀଳନରୁ ଏହା ସ୍ପଷ୍ଟ ଆକଳିତ ଯେ, ଆହାର ଗ୍ରହଣ କରିବା ଦ୍ୱାରା ଉତ୍ତମ ପୋଷକତତ୍ତ୍ୱକୁ ଆଧାର କରି ଜଠରାଗ୍ନି ଦ୍ୱାରା ପାଚନ ପ୍ରକ୍ରିୟା ଆରମ୍ଭ ହୁଏ । ଏହାଦ୍ୱାରା ଶରୀରରେ ସାର ଓ ପିତ୍ତ ସୃଷ୍ଟି ହୁଏ । ସାର ପୁନଶ୍ଚ ରସ ଧାତ୍ୱାଗ୍ନି ଦ୍ୱାରା ପାଚିତ ହୋଇ ସ୍ଥାୟୀ ରସ ଧାତୁ, ଅସ୍ଥାୟୀ ରସ ଧାତୁ ଓ କଫ ସୃଷ୍ଟି କରେ । ଅସ୍ଥାୟୀ ରସ ଧାତୁ ପୁନଶ୍ଚ ପ୍ରକ୍ରିୟାକରଣ ରକ୍ତ ଧାତ୍ୱାଗ୍ନି ଦ୍ୱାରା ହୋଇ ସ୍ଥାୟୀ ରକ୍ତ ଧାତୁ, ଅସ୍ଥାୟୀ ରକ୍ତ ଧାତୁ ଓ ପିତ୍ତରେ ପରିବର୍ତ୍ତିତ ହୋଇଥାଏ । ଅସ୍ଥାୟୀ ରକ୍ତ ଧାତୁରୁ ମାଂସ ଧାତୁ ସୃଷ୍ଟି ହୁଏ । ଏହିପରି ମେଦ, ଅସ୍ଥି, ମଜ୍ଜା ଓ ଶୁକ୍ର ଧାତୁର କ୍ରମଶଃ ସୃଷ୍ଟି ହୁଏ । ଅତଏବ ଏହି ପ୍ରକ୍ରିୟାକରଣ ଶୃଙ୍ଖଳିତ ଓ ମାର୍ଜିତ ହେଲେ ଶରୀରରେ ସନ୍ତୁଳନ ବଜାୟ ରହେ, ଯାହା ମନୁଷ୍ୟକୁ ସୁସ୍ଥ ଓ ସକ୍ରିୟ କରିଥାଏ । ଏହି ସପ୍ତଧାତୁ ଓ ତିନି ଦୋଷର ସାମାନ୍ୟ ଅସନ୍ତୁଳନ ଶରୀରକୁ ବ୍ୟାଧିଗ୍ରସ୍ତ କରିଥାଏ, ଯାହା ଦ୍ୱାରା ମାନସିକ ଓ ଶାରୀରିକ ସ୍ତରରେ ଦୁଷ୍ପ୍ରଭାବ ପଡ଼ିଥାଏ ।

ପଞ୍ଚମହାଭୂତ ସହ ଶରୀରର ଏହି ସପ୍ତଧାତୁକୁ ନେଇ ତୁଳନାତ୍ମକ ଅଧ୍ୟୟନ କଲେ ଏହା ପ୍ରମାଣିତ ଯେ, ପ୍ରତ୍ୟେକ ବସ୍ତୁ ପଞ୍ଚମହାଭୂତରୁ ହିଁ ସୃଷ୍ଟି । ରକ୍ତର ଗନ୍ଧକୁ ଅନୁଶୀଳନ କଲେ ଏହା ଜ୍ଞାତ ହୁଏ ଯେ, ଏହା ଗନ୍ଧଶୂନ୍ୟ ବା ସାମାନ୍ୟ ଧାତବୀୟ ଗନ୍ଧ, ଯାହା ପୃଥିବୀର ମୃତ୍ତିକା ଗନ୍ଧ ସହ ସମାନ । ଏଣୁ ରକ୍ତ ଉପରେ ପୃଥିବୀ ତତ୍ତ୍ୱର ପ୍ରଭାବ ରହିଛି । ରକ୍ତ ରଙ୍ଗ ଲୋହିତ ହୋଇଥିବାରୁ ଏହା ତେଜ ମହାଭୂତ, ଏହା ପ୍ରବାହଶୀଳ ହେତୁ ଆପ ମହାଭୂତି, ରକ୍ତ ଶୁଷ୍କ ହେଉଥିବାରୁ ଓ ଏହାର ବାଷ୍ପୀୟ ଧର୍ମ ହେତୁ ବାୟୁ ମହାଭୂତ ଓ ଏହା ହାଲୁକା ଥିବାରୁ ଏହା ଆକାଶ ମହାଭୂତ ଦ୍ୱାରା ପ୍ରଭାବିତ । ରକ୍ତରେ ପଞ୍ଚମହାଭୂତର ସମ୍ମିଳନ ଥିଲେ ମଧ୍ୟ ଏହା ମୁଖ୍ୟତଃ ତେଜ ଓ ଜଳ ମହାଭୂତ ଦ୍ୱାରା ପ୍ରଭାବିତ ।

ମନୁଷ୍ୟକୁ ଜୀବିତ ରଖିବା ପାଇଁ ରକ୍ତର ପ୍ରମୁଖ ଭୂମିକା ରହିଛି । ଏହା ଚର୍ମରେ ତେଜ ପ୍ରଦାନ କରିବା ସହ ମାଂସକୁ ପୋଷକତତ୍ତ୍ୱ ପ୍ରଦାନ କରିଥାଏ । ଖାଦ୍ୟର ପୋଷକତତ୍ତ୍ୱରୁ ରସ ଉତ୍ପନ୍ନ ହୁଏ । ଏହି ରସ ଜଳତତ୍ତ୍ୱର ସାହାଯ୍ୟରେ ଯକୃତ ଓ ପ୍ଲିହାରେ ପହଞ୍ଚିଲେ ରକ ପିତ୍ତଦ୍ୱାରା ନାଲି ରଙ୍ଗରେ ପରିଣତ ହୁଏ । ଚରକଙ୍କ ମତାନୁସାରେ ଯେତେବେଳେ ଆହାର ରସର ତେଜ ଗୁଣ ଓ ପିତ୍ତର ଉଷ୍ମତା ରସ ସହ ପ୍ରକ୍ରିୟାକରଣ ହୁଏ ତେବେ ଏହି ରସ ରକ୍ତବର୍ଣ୍ଣରେ ପରିଣତ ହୁଏ, ଯାହାକୁ ରକ୍ତ ଧାତୁର ମାନ୍ୟତା ମିଳେ । ଚକ୍ରପାଣିଙ୍କ ମତରେ ରସ ଧାତୁ ମାନବ ଶରୀରରେ ପୋଷକ ଓ ସ୍ଥାୟୀ ଭାବେ ବିଦ୍ୟମାନ । ପୋଷକତତ୍ତ୍ୱ ଶରୀରରେ ଧମନୀ ମାଧ୍ୟମରେ ବିଭିନ୍ନ ଅଙ୍ଗକୁ ପ୍ରବାହିତ ହୋଇଥାଏ ଏବଂ ସ୍ଥାୟୀ ଧାତୁକୁ ପୋଷକ ପ୍ରଦାନ କରିଥାଏ । ରସ ପୋଷକତତ୍ତ୍ୱ, ସମାନବାତ ଦ୍ୱାରା ହୃଦୟରେ ପହଞ୍ଚିଲେ ପାଚିତ ଓ ରିତ ହୋଇ ରକ୍ତ ହୁଏ । ରକ୍ତ ସାଧାରଣତଃ ଯକୃତ ଓ ପ୍ଲିହାରେ ମହଜୁଦ, ପ୍ରସ୍ତୁତ ଓ ପରିଷ୍କରଣ ହୁଏ ।

ରକ୍ତ ଧାତୁ ସମଗ୍ର ଶରୀରରେ ଶକ୍ତି ସଞ୍ଚରଣ କରି ଆନନ୍ଦ ଭାବ ଜାଗ୍ରତ କରେ । ଏହା ଶରୀରର ସମସ୍ତ ଧାତୁଙ୍କୁ ପ୍ରାଣ ପ୍ରଦାନ କରେ । ନିଶ୍ୱାସରେ ଗ୍ରହଣ କରାଯାଉଥିବା ଅମ୍ଳଜାନକୁ ରକ୍ତ ବହନ କରି ସମଗ୍ର ଧାତୁକୁ ପ୍ରାଣ ସଞ୍ଚରଣ କରେ । ଚର୍ମକୁ ତେଜ ପ୍ରଦାନ କରିବା ସହ ସ୍ପର୍ଶକାତର କରିଥାଏ । ରକ୍ତର ଶୁଦ୍ଧତା ବିଭିନ୍ନ ଭୌଗୋଳିକ ଅବସ୍ଥିତି, ଆଚାର, ବିହାର ଓ ଶୁଦ୍ଧ ଖାଦ୍ୟ ଉପରେ ନିର୍ଭର କରେ । ରକ୍ତର ତେଜ ସ୍ୱର୍ଣ୍ଣକାନ୍ତି, ଗୋଲାପୀ ପଦ୍ମ ସହ ତୁଳନା କରାଯାଏ । ରକ୍ତର ଗୁଣ ନାତିଶୀତୋଷ୍ଣ ରହିଥାଏ । ଏହା ସାଧାରଣତଃ ସାମାନ୍ୟ ମିଠା, ଲୋହିତ ବର୍ଣ୍ଣ, ଓଜନିଆ ଓ ସାମାନ୍ୟ ଧାତବୀୟ ସ୍ୱାଦଯୁକ୍ତ ହୋଇଥାଏ । ଶରୀରରେ ରକ୍ତଧାତୁର ଉପଧାତୁ ଭାବେ ଶିରା ଓ ତନ୍ତୁ ହୋଇଥିବା ବେଳେ ପିତ୍ତ ହିଁ ରକ୍ତର ମଳ ହୋଇଥାଏ । ରକ୍ତ ପ୍ରଭାବ ଯୋଗୁଁ କାନ, ଆଖି, ମୁଖ ଗହ୍ୱର, ଜିହ୍ୱା, ପାପୁଲି, ନଖ, କପାଳ, ଲିଙ୍ଗ ଆଦି ରକ୍ତ ବର୍ଣ୍ଣ ସହ ଚିକ୍କଣଯୁକ୍ତ ହୋଇଥାନ୍ତି । ଅତଏବ ରକ୍ତର ସନ୍ତୁଳିତ ଓ ଶୁଦ୍ଧ ପ୍ରଭାବ ହେତୁ ମନୁଷ୍ୟ ଅତ୍ୟନ୍ତ ସୁନ୍ଦର, ସୁସ୍ଥ, ସବଳ ହେବା ସହ ଜ୍ଞାନୀ, ସୁଖୀ ହୋଇଥାଏ । ପୋଷକତତ୍ତ୍ୱ ଅଭାବରୁ ମନୁଷ୍ୟ ଶରୀରରେ ରକ୍ତ କ୍ଷୟ କରିଥାଏ । ଫଳତଃ ଚର୍ମରେ ଖଦଡ଼, ମୋଚ ଆସିଯାଏ । ଧମନୀ ଓ ଶିରା, ପ୍ରଶିରା ଢିଲା ହୁଏ । ପୁନଶ୍ଚ ଖଟା ଓ ଥଣ୍ଡା ଦ୍ରବ୍ୟ ଖାଇବା ଇଚ୍ଛା ଜାଗ୍ରତ ହୁଏ । ଏଣୁ ବିନା ରକ୍ତରେ ମନୁଷ୍ୟ ଜୀବନ ଅକଳ୍ପନୀୟ । ଆଧୁନିକ ଭେଷଜ ବିଜ୍ଞାନ ପରି ଆୟୁର୍ବେଦ ବିଜ୍ଞାନରେ ମଧ୍ୟ ରକ୍ତର ବିଭିନ୍ନ ଗୁଣବତ୍ତାକୁ ପଞ୍ଚମହାଭୂତ ସହ ପରିକଳ୍ପନା କରାଯାଇଛି । ରକ୍ତ କଣିକାରେ ଥିବା ସେରମ୍ ପ୍ରୋଟିନ୍ (ସେରମ୍ ପୁଷ୍ଟିସାର), ହିମୋଗ୍ଲୋବିନ (ଲୋହିତ ରକ୍ତସାର), ଶର୍କରାସାର (ଗ୍ଲୁକୋଜ୍) ଆଦିକୁ ପୃଥିବୀତତ୍ତ୍ୱ, (ଖ) ପ୍ଲାଜ୍ମା, ଲିପିଡ୍ ଆଦିକୁ ଜଳତତ୍ତ୍ୱ, (ଗ) ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଆୟୋଡ଼ିନ୍, କ୍ଲୋରାଇଡ୍, ଇନ୍‌ସୁଲିନ୍ ଆଦିକୁ ଅଗ୍ନିତତ୍ତ୍ୱ, (ଘ) ଅମ୍ଳଜାନ, ଅଙ୍ଗାରକାମ୍ଳ, ଭିଟାମିନ-ଗ ଓ ଥାଇରୋକ୍ସିନ୍ ଆଦିକୁ ବାୟୁତତ୍ତ୍ୱ, (ଙ) ରକ୍ତର ବାଷ୍ପୀୟ ଗୁଣ ଆକାଶତତ୍ତ୍ୱକୁ ସୂଚୀତ କରେ । ପ୍ରକୃତରେ ରକ୍ତରେ ଅଗ୍ନି ଓ ଜଳତତ୍ତ୍ୱ ପ୍ରଭାବ ସର୍ବାଧିକ ଅଟେ ।


ଇଂ. ସଂଜୟ କୁମାର ପଣ୍ଡା

କିନ୍ତୁ ଭେଷଜ ବିଜ୍ଞାନ ଅନୁଯାୟୀ ରକ୍ତକୁ ଚାରୋଟି ବର୍ଗରେ ବିଭକ୍ତ କରାଯାଏ, ଯଥା- ୧) ପ୍ଲାଜ୍ମା, ୨) ଲୋହିତ ରକ୍ତ କଣିକା, ୩) ଶ୍ୱେତ ରକ୍ତ କଣିକା, ୪) ପ୍ଲେଟ୍‌ଲେଟ୍ । ପ୍ଲାଜ୍ମା ସାଧାରଣତଃ ରକ୍ତର ୬୦% ଈଷତ୍ ହଳଦିଆ ରଙ୍ଗର ତରଳ ପଦାର୍ଥ ରୂପେ ରହିଥାଏ । ଅବଶିଷ୍ଟ ତିନୋଟି ପଦାର୍ଥ ରକ୍ତର ୪୦% ଅଂଶାଧିନ ହୋଇଥାନ୍ତି । ପ୍ଲାଜ୍ମା ତରଳ ପଦାର୍ଥ ରୂପେ ରକ୍ତର ବିଭିନ୍ନ ତତ୍ତ୍ୱକୁ ବହନ କରି ଶରୀର ବିଭିନ୍ନ ଅଂଶରେ ପ୍ରବାହିତ ହୋଇଥାଏ । ଶ୍ୱେତ ରକ୍ତ କଣିକା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ । ଏହା ନିଜର ବର୍ଗ ଆଧାରରେ କିଛି ଘଣ୍ଟା, ଦିନ, ମାସ ଓ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଏ । ଏହା ମଧ୍ୟରେ ଥିବା ପୁଷ୍ଟିସାରକୁ ହିମଗ୍ଲୋବିନ କୁହାଯାଏ, ଯାହା ଅମ୍ଳଜାନକୁ ଫୁସ୍‌ଫୁସ୍‌ରୁ ଗ୍ରହଣ କରି ସାରା ଶରୀର କୋଷିକାକୁ ପ୍ରଦାନ କରେ । ପ୍ଲେଟ୍‌ଲେଟ୍ ରକ୍ତକୁ ଜମାଟ ବାନ୍ଧିବାରେ ସହାୟକ ହୁଏ । ଏହା ଶରୀରରେ ସାତରୁ ଦଶଦିନ ପର୍ଯ୍ୟନ୍ତ ଜୀବିତ ରହୁଥିବା ବେଳେ ଏହା ରକ୍ତ କ୍ଷରଣକୁ ନିୟନ୍ତ୍ରିତ କରିଥାଏ । ରକ୍ତ ସାଧାରଣତଃ ଅସ୍ଥି ମଜ୍ଜାରେ ନିର୍ମିତ ହୁଏ ।

ରକ୍ତର ଏପରି ଆବଶ୍ୟକତା କେବଳ ମନୁଷ୍ୟ ଦ୍ୱାରା ହିଁ ପୂରଣ ହୋଇପାରିବ । କମ୍ ରକ୍ତଦାନ କାରଣରୁ କୃତ୍ରିମ ରକ୍ତ ନିର୍ମାଣ ଉପରେ ଗବେଷଣା ଜାରି ରହିଥିବା ବେଳେ କିଛିମାତ୍ରାରେ ସଫଳତା ମିଳିଛି । ବ୍ଲଡ୍ ଫାର୍ମିଂ ବା ରକ୍ତ ଚାଷ ମାଧ୍ୟମରେ ଆମେରିକା ପରି ଅନେକ ରାଷ୍ଟ୍ରରେ ଖ୍ରୀ. ୨୦୧୦ ପରଠାରୁ ଏକ ନୂତନ ବିପ୍ଳବ ଆରମ୍ଭ ହୋଇଛି । ଏହି ପଦ୍ଧତିରେ ପ୍ରସ୍ତୁତ ରକ୍ତ ସମସ୍ତ ରକ୍ତବର୍ଗୀୟ ଲୋକଙ୍କୁ ପ୍ରଦାନ କରାଯାଇପାରିବ । କିନ୍ତୁ ଅନେକ ଗବେଷଣା ଓ ସୁବିଧା ଉପଲବ୍ଧତା ଆଜି ମଧ୍ୟ ଅପେକ୍ଷାରତ ।

ମନୁଷ୍ୟ ଶରୀରରେ ସାଧାରଣତଃ ଚାରି ପ୍ରକାର ରକ୍ତ ବର୍ଗ ରହିଥାଏ, ଯଥା-ଏ, ବି, ଏବି ଏବଂ ଓ । ଗୋଟିଏ ମାତାପିତାଙ୍କ ଠାରୁ ଜନ୍ମିତ ଶିଶୁମାନଙ୍କ ରକ୍ତ ବର୍ଗ ସବୁବେଳେ ସମାନ ନ ହୋଇ ଭିନ୍ନ ଭିନ୍ନ ହୋଇଥାଏ । ଏପରିକି ଯଦି ମାତାପିତାଙ୍କ ସମାନ ରକ୍ତ ବର୍ଗ ଥିଲେ ମଧ୍ୟ ସନ୍ତାନମାନଙ୍କ ରକ୍ତ ବର୍ଗ ଅଲଗା ହୋଇପାରେ । ଡି.ଏନ୍.ଏ. ଯେମିତି ମାତା ଓ ପିତାଙ୍କ ସମ୍ମିଶ୍ରଣରେ ହୋଇଥାଏ, ତଥାପି କିଛିମାତ୍ରାରେ ଅଲଗା ହୋଇପାରେ । ଠିକ୍ ସେହିପରି ସନ୍ତାନବର୍ଗର ରକ୍ତ ବର୍ଗ ମାତପିତା ଏପରିକି ସେମାନଙ୍କ ମଧ୍ୟରେ ଅଲଗା ହୁଏ । ଏଣୁ ରକ୍ତ ବର୍ଗକୁ ନେଇ ପାରିବାରିକ ଇତିହାସ ଜାଣିବା କଷ୍ଟକର ବ୍ୟାପାର ।

ଆଧୁନିକ ଗବେଷଣାରୁ ଏହା କିଛିମାତ୍ରାରେ ପ୍ରମାଣିତ ହୋଇଛି ଯେ, ରକ୍ତଦାନ କଲେ ଶରୀର ସୁସ୍ଥ ରହିବା ସହ ମାନସିକ ଶାନ୍ତି ମିଳିଥାଏ । ପୁନଶ୍ଚ ମେଦ ହ୍ରାସ ହେବା ସହ ରକ୍ତ ନିର୍ମାଣ ଓ ପରିଷ୍କରଣ ପଦ୍ଧତି ବଳବତ୍ତର ରହିଥାଏ । ରକ୍ତରେ ଲୋହିତ ରକ୍ତ କଣିକା ଅନ୍ୟୁନ୍ୟ ଚାରିମାସ ମଧ୍ୟରେ ନଷ୍ଟ ହୋଇଯାଉଥିବାରୁ ପ୍ରତ୍ୟେକ ତିନିମାସରେ ଥରେ ପୁରୁଷମାନେ ଓ ପ୍ରତ୍ୟେକ ଛ'ମାସକୁ ଥରେ ମହିଳାମାନେ ରକ୍ତଦାନ କଲେ, ସାମାଜିକ ସହାନୁଭୂତି ପ୍ରବୃତ୍ତି ବୃଦ୍ଧି ପାଇବ ଓ ଅନେକ ଜୀବନ ରକ୍ଷା ହେବ । ଗବେଷଣାରୁ ଏହା ପ୍ରମାଣିତ ହୋଇଛି ଯେ, ସ୍ୱାସ୍ଥ୍ୟବାନ ପୁରୁଷ କିମ୍ବା ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କଲେ ଉଚ୍ଚ ରକ୍ତଚାପ, ଶର୍କରା ରୋଗ, ହୃତ୍‌ଘାତ, ମେଦ ବହୁଳତା ରୋଗରୁ ମୁକ୍ତି ମିଳିଥାଏ । ପୁନଶ୍ଚ ଦାନ କରି ଅପୂର୍ବ ଆନନ୍ଦ ପ୍ରାପ୍ତି ହୋଇ ଜଣଙ୍କ ଜୀବନ ରକ୍ଷାରେ ସହାୟକ ହେଉଥିବାରୁ ମନରେ ସୃଷ୍ଟି ହେଉଥିବା ଶାନ୍ତିଭାବ ମନୁଷ୍ୟକୁ ଦୀର୍ଘାୟୁ କରିଥାଏ । ଉଭୟ ଦାତା ଓ ଗ୍ରହୀତା ମଧ୍ୟରେ ଏକ ଶାଶ୍ୱତ ଭାବପୂର୍ଣ୍ଣ ସମ୍ପର୍କ ସୃଷ୍ଟି ହୁଏ ।

ଆଧୁନିକ ଜ୍ଞାନ କୌଶଳରେ ରକ୍ତକୁ ବିଭିନ୍ନ ଭାଗରେ ବିଭକ୍ତ କରି ଆବଶ୍ୟକତା ଅନୁଯାୟୀ ରକ୍ତ ବର୍ଗକୁ ଭିନ୍ନ ଭିନ୍ନ ରୋଗୀଙ୍କୁ ପ୍ରଦାନ କରାଯାଏ । ଫଳରେ ଗୋଟିଏ ଦାନରେ ଅନେକ ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରେ । ଗବେଷଣାରୁ ଏହା ପ୍ରମାଣିତ ହୋଇଛି ଯେ, ଜଣେ ସକରାତ୍ମକ ଦାତାଙ୍କ ରକ୍ତ ଯଦି ଏକ ରୋଗୀକୁ ପ୍ରଦାନ କରାଯାଏ, ତେବେ ଗ୍ରହୀତା ମଧ୍ୟ ୩୦% କ୍ଷେତ୍ରରେ ସକରାତ୍ମକ ଚିନ୍ତାଧାରା ଉଦ୍ରେକ ହୋଇ ସଂଯୁକ୍ତାତ୍ମକ ଭାବାବେଗ ଜାଗ୍ରତ ହୁଏ । ଏଥିସହ ସାମାଜିକ ସମ୍ବେଦନଶୀଳତା ଜାଗ୍ରତ ହେବା ସହ କୃତଜ୍ଞତା ଭାବ ଉଦ୍ରେକ ହେବାରୁ ସାମାଜିକ ବନ୍ଧନ ନିବିଡ଼ ହୋଇଥାଏ ।

ଆଧୁନିକ ସାମଜରେ ଭୌତିକ ପ୍ରାଚୁର୍ଯ୍ୟତାରେ ମସଗୁଲ ମାନବ ସମାଜ ନିଜର ସ୍ୱାର୍ଥ ସାଧନାରେ ଲିପ୍ତ ଥିବା ସହ ରକ ସମ ନିଜର ମାନବୀୟ ମୂଲ୍ୟବୋଧ ନାନାରଙ୍ଗେ ରିତ କରିଥାଏ । ଏହାର ରଙ୍ଗ ବଦଳାଇବା ଦକ୍ଷତା ଆଗରେ ଏଣ୍ଟୁଅ ମଧ୍ୟ ପରାଭୂତ । କିନ୍ତୁ ରକ୍ତ ନିଜର ଲୋହିତରକ୍ତ କଣିକାରେ ପରିବର୍ତ୍ତନ କରି ନ ଥାଏ । ଶୁଦ୍ଧ ରକ୍ତର ପ୍ରଭାବରେ ମନୁଷ୍ୟର ଚର୍ମ ଚିକ୍‌ମିକ୍ କରିବାକୁ ଲାଗେ । ମୁଖମଣ୍ଡଳରେ ଅପୂର୍ବ ତେଜ ଉଦ୍ଭାସିତ ହେଉଥିବା ସ୍ଥଳେ ରକ୍ତ ମନୁଷ୍ୟର ଜ୍ଞାନ ଓ ସୌଖ୍ୟ ବିବର୍ଦ୍ଧନ କାରଣ ହୋଇଥାଏ । ମାତ୍ର ମନୁଷ୍ୟର ଆତ୍ମକୈନ୍ଦ୍ରିକ ସ୍ୱାର୍ଥପର କୁଚିନ୍ତା ମନୁଷ୍ୟ ଶରୀରର ରକ୍ତକୁ ଚାପଗ୍ରସ୍ତ କରିବା ସହ ରକ୍ତର ଶୁଦ୍ଧତାକୁ ମଧ୍ୟ ଅଶୁଦ୍ଧ କରିଦିଏ । ଏଣୁ ଭଗବାନ ପ୍ରଦତ୍ତ ଶୁଦ୍ଧ ରକ୍ତତତ୍ତ୍ୱକୁ ପଞ୍ଚମହାଭୂତର ସର୍ବଶ୍ରେଷ୍ଠ ଦାନ ରୂପେ ବିବେଚନା କରି ପରୋପକାରକୁ ମାଧବ ସେବା ରୂପେ ବିବେଚନା କଲେ ରକ୍ତର ମର୍ଯ୍ୟାଦା ବୃଦ୍ଧି ପାଇବା ସହ ମାନବିକ ମୂଲ୍ୟବୋଧ ଓ ସାଂସାରିକ ସୌନ୍ଦର୍ଯ୍ୟ ବିବର୍ଦ୍ଧିତ ହୋଇପାରିବ ।

ରକ୍ତଦାନ ଏପରି ଏକ ଦିବ୍ୟ କର୍ମ ଯାହାଦ୍ୱାରା ଦାତା ନିଜ ଶରୀରକୁ ପରିଷ୍କାର କରିବା ସହ ନିରୋଗ ରଖିବାର ସୁଯୋଗ ପ୍ରାପ୍ତ କରୁଥିବା ବେଳେ ଗ୍ରହୀତାର ଜୀବନ ବଞ୍ଚାଇବାର ପୁଣ୍ୟ ମଧ୍ୟ ପ୍ରାପ୍ତ କରିଥାଏ । ରକ୍ତର ପ୍ରତିବଦଳ କିଛି ନିର୍ଦ୍ଧାରିତ ହୋଇ ନ ଥିବାରୁ ଏହାକୁ ଅମୂଲ୍ୟ ଦାନ ଭାବେ ବିବେଚନା କରାଯାଏ । ଅନ୍ୟକୁ ଜୀବନ୍ତ କରିବାର ମହାନତା ସୌଭାଗ୍ୟବନ୍ତ ଲୋକଙ୍କୁ ପ୍ରାପ୍ତ ହୋଇଥାଏ । ଅତଏବ ମନୁଷ୍ୟ ରକ ହୋଇ ମନ ମଧ୍ୟରେ ଥିବା ବିକାରଗୁଡ଼ିକୁ ଧୌତ କରି ସକରାତ୍ମକ ରଙ୍ଗରେ ରିତ କରିବା ବିଧେୟ । ଶୁଦ୍ଧ ରକ୍ତ ପରି ନିଜର ଆଚାର, ବିଚାର ଓ ବିହାର ଶୁଦ୍ଧ କରି ନିବିଡ଼ତା ଓ ପୁଣ୍ୟ ରଙ୍ଗରେ ମାନବ ରିତ ହୋଇପାରିଲେ; ରକ୍ତର ନିର୍ମଳ ଲୋହିତ ରଙ୍ଗର ମର୍ଯ୍ୟାଦା ବଳବତ୍ତର ରହିବ ଓ ସାମାଜିକ ବନ୍ଧନ ଅତୁଟ ହେବ ।

*ପ୍ରାକ୍ତନ ଅର୍ଥକମିଟି ସଦସ୍ୟ*
*ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର*
*ମୋ-୯୪୩୭୦୭୯୦୯୯*

---

# ଆତଙ୍କବାଦ କବଳରେ 'ଧର୍ମ'

ଦିନେ ଯେଉଁ କାଶ୍ମୀର ଭାରତର ଶୋଭା ସଂପଦର ଆଧାର ଥିଲା, ତାହା ଆଜି ଭୀତିପ୍ରଦ ଓ ରକ୍ତସ୍ନାତ । ତେବେ ସଭ୍ୟତାର ଆରମ୍ଭରୁ ଭାରତରେ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଲାଗି ରହିଛି । ତେଣୁ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ନଷ୍ଟ ହୋଇ ସଂଘର୍ଷମୂଳକ ପରିସ୍ଥିତି ସୃଷ୍ଟି ହେଉଛି । ଅଯୋଧ୍ୟାରେ ବାବ୍ରୀ ମସଜିଦ ଭଙ୍ଗା, ଗୋଧ୍ରା ଟ୍ରେନପୋଡି ପରେ ଯେତେସବୁ ସାମ୍ପ୍ରଦାୟିକ ଦଙ୍ଗା ଲାଗି ରହିଥିଲା ତାହା ମୋ ମତରେ ମାନସିକ ପ୍ରତିକ୍ରିୟା ମାତ୍ର । କିନ୍ତୁ 'ଧର୍ମ'କୁ ସାମ୍ପ୍ରଦାୟିକତାଠାରୁ ଊର୍ଦ୍ଧ୍ୱରେ ରଖାଯିବା ଆବଶ୍ୟକ । ମାନବବାଦ ହିଁ ମନୁଷ୍ୟର ଶ୍ରେଷ୍ଠ ଧର୍ମ ହେବା ଦରକାର । ଏଇ ମାତ୍ର ଦୁଇ ଦିନ ତଳେ ଜାମ୍ମୁ-କାଶ୍ମୀରର ପହଲଗାଓଁରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀଙ୍କ ଧର୍ମ କୁ ନେଇ ଯେପରି ବର୍ବରତା ଆଚରଣ ତଥା ଲୋମଟାଙ୍କୁରା ଆକ୍ରମଣ ଘଟଣା ଘଟିଯାଇଛି ଯାହା ସମଗ୍ର ବିଶ୍ୱକୁ ଆଚମ୍ବିତ କରିଛି ! ଆଜିର ମାନବ ସମାଜ ଆତଙ୍କବାଦର ଚତୁଃପାର୍ଶ୍ୱ ମଧ୍ୟରେ ଅବସ୍ଥିତ । ନିଜର ବ୍ୟକ୍ତିଗତ ସ୍ୱାର୍ଥକୁ ସାମୁହିକ ସ୍ୱାର୍ଥ ଭାବରେ ଚିତ୍ରଣ କରି କୌଣସି ରାଜନୈତିକ ବା ଧାର୍ମିକ ଉଦ୍ଦେଶ୍ୟ ସାଧନ ନିମନ୍ତେ ସଂଘଠିତ ଭାବରେ ସୃଷ୍ଟି କରାଯାଉଥିବା ହିଂସାକାଣ୍ଡ ହେଉଛି ଆତଙ୍କବାଦ । ଏହି ଆତଙ୍କବାଦର ଶୀକାର ହୁଅନ୍ତି ସାଧାରଣ ଜନତା ଯାହା ଆଜି ସଦ୍ୟ ଘଟିଯାଇଛି ପହଲଗାଓଁରେ । ପାକିସ୍ତାନୀ ଆତଙ୍କବାଦୀ ମାନଙ୍କ ଏପରି ଅନ୍ଧ ଧର୍ମାନ୍ଧିକରଣ ଅଭ୍ୟାସ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ଘଟଣାର ମୁଖ୍ୟ ସୂତ୍ରଧର ଲସ୍କର-ଇ-ତୋଇବା କମାଣ୍ଡର ଅବୁ ମୁଶା ବୋଲି ଜଣା ପଡିଛି । ଧର୍ମର ଦ୍ୱାହି ଦେଇ ତା'ର ମିଥ୍ୟା ସୁରକ୍ଷା ନାମରେ ଆତଙ୍କବାଦ ସୃଷ୍ଟି କରାଯାଉଛି । ଧର୍ମ ଓ ଅଧର୍ମର ଭେଦ ସ୍ପଷ୍ଟ ଜଣାପଡୁ ନାହିଁ । କେହି ଧର୍ମକୁ ହିଂସା ବିରୋଧୀ ବିଚାର କରି ଅହିଂସା, ସତ୍ୟ, ଶାନ୍ତି ଓ ମୈତ୍ରୀକୁ ପାଥେୟ କରି ଚାଲିବାକୁ ଉପଦେଶ ଦେଉଛି ତ କେହି ଅନ୍ୟ ଧର୍ମକୁ ବିଧର୍ମୀର ଆଖ୍ୟା ଦେଇ ନିଜ ଧର୍ମର ଶ୍ରେଷ୍ଠତା ପ୍ରତିପାଦନ କରିବାକୁ ଅନ୍ୟଧର୍ମାବଲମ୍ବୀଙ୍କ ଉପରେ ଅତ୍ୟାଚାର କରିବାକୁ କୁଣ୍ଠାବୋଧ କରୁନାହିଁ, ଯାହା ଆଜି ଜାମ୍ମୁ-କାଶ୍ମୀରର ପହଲଗାଓଁରେ ଆତଙ୍କବାଦୀମାନେ ଧର୍ମ ପଚାରି ନୀରୀହ ପର୍ଯ୍ୟଟକଙ୍କୁ ହତ୍ୟା କରିଛନ୍ତି । ଏ ସବୁ ଘଟିଯାଉଛି ଭାରତର ସାମରିକ ପରିଚାଳନା ତଥା ଇଣ୍ଟେଲିଜେନ୍ସ ବିଭାଗର ଅପରିଣାମ ଦର୍ଶିତାପାଇଁ ଯାହା ଖୋଦ ସଂପୃକ୍ତ ବିଭାଗ ସ୍ୱୀକାର କରିଛି । କିନ୍ତୁ ଜଣେ


ଉମାଶଙ୍କର ପ୍ରସାଦ

ପ୍ରଥମେ ମଣିଷ ଭାବରେ ଆତଙ୍କବାଦୀମାନେ ଭୂଲି ଯାଉଛନ୍ତି 'ଯାହା ଦ୍ୱାରା ମାନବ ବଂଚିରହି ବଢିଚାଲେ –ତାହା ହିଁ ଧର୍ମ' । ଭାରତ ବିଭିନ୍ନ ଧର୍ମ ଓ ସମ୍ପ୍ରଦାୟର ଭିତ୍ତିଭୂମି । ଭାରତର ଚିନ୍ତାଧାରା ଶୈବ, ଶାକ୍ତ, ବୈଷ୍ଣବ, ସୌର, ଗାଣପତ୍ୟ ଇତ୍ୟାଦିରେ ଯେପରି ପରିପୁଷ୍ଟ, ଜ୍ଞାନମାର୍ଗ, କର୍ମମାର୍ଗ ଓ ଯୋଗମାର୍ଗ ଇତ୍ୟାଦି ବିଭିନ୍ନ ଧାରାରେ ପରିପୁଷ୍ଟ ହେବାପରେ ପୁଣି ବୌଦ୍ଧ, ଜୈନ ନାସ୍ତିକ ଆଦି ବିଚାର ଧାରା ଏହାକୁ କିଛି ଭାବରେ ବଳବତୀ କରି ତୋଳିଲା । ବୈଦେଶିକ ଅନୁପ୍ରବେଶ ଫଳରେ ଇସ୍‌ଲାମ ଓ ଇସାଇ ଧର୍ମର ଆଗମନ ଘଟିଲା । ବିଚାର କରି ଦେଖିଲେ ଆତଙ୍କବାଦର ସୃଷ୍ଟି ବହୁ ପୁରାତନ । ସାରା ବିଶ୍ୱରେ ମୁସଲମାନ ଆତଙ୍କବାଦ ଗୋଷ୍ଠୀ ଆତଙ୍କ ଖେଳାଇବାରେ ସର୍ବାଗ୍ରେ । ସମାଜରେ ଅନେକ ସ୍ୱାର୍ଥାନ୍ୱେଷୀ ଗୋଷ୍ଠୀ ନିଜକୁ ଶ୍ରେଷ୍ଠତର ଆସନରେ ମଣ୍ଡିତ କରିବା ପାଇଁ ଏହି କୁତ୍ସିତ ପଦକୁ ଗ୍ରହଣ କରିନେଇଛନ୍ତି । ଏହାଙ୍କ ଉପରେ ଏହାଙ୍କ ମୁଖିଆଙ୍କ କର୍ତ୍ତୃତ୍ୱ ନାହିଁ ବା ସେମାନଙ୍କର ନିର୍ଦ୍ଦେଶରେ ଏପରି ଜଘନ୍ୟ କାଣ୍ଡ ଏମାନେ ଘଟାଉଛନ୍ତି । ଆଜି ସମଗ୍ର ବିଶ୍ୱର ମାନବ ସମାଜ ଆତଙ୍କବାଦୀଙ୍କ ଆତଙ୍କରେ ଥରହର । ପ୍ରତ୍ୟେକ ରାଷ୍ଟ୍ରରେ ରହିଛି ଆତଙ୍କବାଦୀ ମାନଙ୍କର ସ୍ୱତନ୍ତ୍ର ସଂଗଠନ । ସାଉଦି ଆରବର କୋଟିପତି ଇଂଜିନିୟର ଓସାମା-ବିନ-ଲାଡେନ୍‌ଙ୍କ ଦ୍ୱାରା ୧୯୮୦ ମସିହାରେ ସ୍ଥାପିତ 'ଅଲ-କାଏଦା' ସଂଗଠନ ସମଗ୍ର ବିଶ୍ୱର ୩୪ ଟି ସଂଗଠନକୁ ପରିଚାଳିତ କରିବା ସହ ବିଭିନ୍ନ ରାଷ୍ଟ୍ରରେ ନିଜର ଶାଖା ଖୋଲି ଆତଙ୍କ ସୃଷ୍ଟି କରିବାରେ ସଫଳ ହୋଇପାରିଛି । 'ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ ସଂଗଠନ, ଇଣ୍ଡୋନେସିଆରେ ସିରିଜ ବୋମା ବିସ୍ଫୋରଣ, ମାଲେସିଆ ହୋଟେଲରେ ବୋମା ବିସ୍ଫୋରଣ ଘଟାଇ ଅସଂଖ୍ୟ ଧନଜୀବନ ନଷ୍ଟ କରିବା ସହ ଭୟଙ୍କର ଆତଙ୍କବାଦୀ ଗୋଷ୍ଠୀ ରୂପେ ପରିଚୟ ସୃଷ୍ଟି କରିଛି । ଏଥି ସହିତ ପାଲେଷ୍ଟାଇନ୍‌ର ଅବୁ ନଇଦାଲ ସଂଗଠନ,(୧୯୭୪) ପାଲେଷ୍ଟାଇନଡ ଇସଲାମିକ୍ ଜେହାଦ, ପାଲେଷ୍ଟାଇନ ଲିବରେସନ ଫ୍ରଣ୍ଟ, ହମାସ,(୧୯୮୭), ଲେବାନନ୍ ର ହିଜ୍‌ବୁଲ୍ଲା, ଫଲିପାଇନ୍ସର ଅବୁସାୟଫ ଗ୍ରୁପ, ଆଲଜେରିଆର ସଲାଫି ଗ୍ରୁପ ଫର କଲ୍ ଆଣ୍ଡ କମ୍ବାଟ, ସ୍ପେନର ବାସିକ୍ ଫାଦରଲାଣ୍ଡ ଏଣ୍ଡ ଲିବର୍ଟି, ଆୟରଲାଣ୍ଡର ଆଇରସ୍ ରିପବ୍ଲିକାନ ଆର୍ମି (୧୯୬୯), ଶ୍ରୀଲଙ୍କାର ଲିବରେସନ ଟାଇଗରସ୍ ଅଫ ତାଲିମ ଇଲମ, ପାକିସ୍ତାନର ହରକଥ-ଉଲ-ମୁଜାହିଦ୍ଦିନ, ହଜରତ –ଉଲ-ଉଲେମା ଇତ୍ୟାଦି ଆତଙ୍କବାଦୀ ଗୋଷ୍ଠୀ ସମଗ୍ର ବିଶ୍ୱ ମାନବ ସମାଜକୁ ଭୟଭୀତ କରି ରଖିଛି । ମଣିଷର ବନ୍ଧୁ ଭାବରେ ଘୋଷଣା କରୁଥିବା ଏହି ଆତଙ୍କବାଦୀମାନେ ଧର୍ମର ସୁରକ୍ଷା ଆଳରେ ବ୍ୟାପକ ନରସଂହାର ଘଟାଇବାକୁ ତିଳେ ହେଲେ ପଛାଉନାହାଁନ୍ତି । ମଣିଷ ହୋଇ ମଣିଷ ରକ୍ତରେ ହୋଲି ଖେଳିବା ସତେ ଯେପରି ଏମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି । ଏମାନଙ୍କୁ ସମୁଚିତ ଶିକ୍ଷା ଦେବାର ସମୟ ବର୍ତ୍ତମାନ ଆଗତ । ପାକିସ୍ତାନ ଆତଙ୍କବାଦକୁ ସମୁଳେ ବିନାଶ କରିବା ପାଇଁ ବର୍ତ୍ତମାନ ଭାରତ ଦୃଢ ପଦକ୍ଷେପ ଆପଣେଇଛି । କିନ୍ତୁ ବର୍ତ୍ତମାନ ଆଉ ଆଗଭଳି ସର୍ଜିକାଲ ଷ୍ଟ୍ରାଇକ ନକରି ପାକିସ୍ତାନ ବିପକ୍ଷରେ ପ୍ରତ୍ୟକ୍ଷ ଯୁଦ୍ଧ ଘୋଷଣା ଭାରତ କରୁବୋଲି ସମସ୍ତଙ୍କର ଏକମତ ପ୍ରକାଶ ପାଇଛି । ୧୯୬୫ ଓ ୧୯୭୧ ରେ ପାକିସ୍ତାନ ବିରୁଦ୍ଧରେ ଭାରତ ବିପୁଳ ଓ ଏକତରଫା ବିଜୟ ହାସଲ କରିଥିଲା । ବର୍ତ୍ତମାନ ଉଭୟ ଦେଶ ପରମାଣୁ ଶକ୍ତି ଭାବେ ଉଭା ହୋଇଛନ୍ତି । ତେଣୁ ଭାରତ ଉଭୟେ କୂଟନୈତିକ ଓ ବିଚାର ବିମର୍ଶକରି ସମ୍ପୂର୍ଣ୍ଣ ଆତଙ୍କବାଦର ସମୂଳ ଉତ୍ପାଟନ କରିବା ପାଇଁ ଦୃଢ ପରିକର ହେବା ଦରକାର । ମୋ ବିଚାରରେ ଆଜି ଧର୍ମ ପାଇଁ ସଂଘର୍ଷ ସୃଷ୍ଟି ହେଉନାହିଁ ହେଉଛି ସାମ୍ପ୍ରଦାୟିକତା ପାଇଁ । ଏଣୁ ଧର୍ମର ମୂଳ ଉଦ୍ଦେଶ୍ୟକୁ ବୁଝି ଧର୍ମାଚରଣ ମାଧ୍ୟମରେ କାର୍ଯ୍ୟ କରିବା ଦରକାର ।

*ଉମାଶଙ୍କର ପ୍ରସାଦ,*
*ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା*

---

# ଗୋପବନ୍ଧୁ ଚୌଧୁରୀ

ଓଡ଼ିଶାର ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଭାବେ ଗୋପବନ୍ଧୁ ଚୌଧୁରୀ ପରିଚିତ ବ୍ୟକ୍ତିତ୍ୱ । ସେ କଟକରେ ୮ମଇ ୧୮୯୫ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା । କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ । ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ । ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ । ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ । କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ । ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ । ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ । ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ । ୧୯୩୦ରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହାତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ । ସେ ସମୟରେ ସମାଜ ସଂସ୍କାର ଅଭିମୁଖୀ ଓ ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ଭିତ୍ତିକ ଲେଖା ଲେଖୁଥିଲେ । ସରଳ ଜୀବନ ଓ ବନ୍ଧୁବତ୍ସଳତା ଥିଲା ତାଙ୍କର ଅନ୍ୟତମ ଶ୍ରେଷ୍ଠ ଗୁଣ । ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ । ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ ।


ଡ଼ଃ.ଅରୁନ୍ଧତୀ ଦେବୀ

ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,




# ଚଟୁଆ ଉଚ୍ଚ ବିଦ୍ୟାଳୟ ୧୯୯୯ ବ୍ୟାଚର ବନ୍ଧୁମିଳନ

ଏରସମା, : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତ ଚଟୁଆ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୯ ମସିହା ମାଟ୍ରିକ ବ୍ୟାଚ ଛାତ୍ର, ଛାତ୍ରୀ ମାନଙ୍କର ବନ୍ଧୁମିଳନ ଓ ବଣଭୋଜି ନୂଆଗାଁ ମହାବୀର ଆଶ୍ରମ ନିକଟସ୍ଥ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି ।ବ୍ୟାଚର ପ୍ରାକ୍ତନ ଛାତ୍ର, ଛାତ୍ରୀ ମାନେ ଆଜି ଏକାଠି ହୋଇ ନିଜ ନିଜର ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ରୋମନ୍ଥନ କରିଥିଲେ ।ଏଥିସହିତ ପରସ୍ପର ମଧ୍ୟରେ ପାରିବାରିକ ଜୀବନ ସମ୍ପର୍କରେ ଅବଗତ ହୋଇଥିଲେ ।ଛାତ୍ର ଜୀବନର ଅଭୁଲା ସ୍ମୃତିକୁ ମନେ ପକାଇବା



ପାଇଁ ପ୍ରତ୍ୟେକ ବର୍ଷ ଏହିପରି ବନ୍ଧୁମିଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପ୍ରାକ୍ତନ ଛାତ୍ର ଯୁବ ସମାଜସେବୀ ଗଣେଶ ରାଉତ, ଚଟୁଆ ପଞ୍ଚାୟତ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ଜନ୍ମେଞ୍ଜୟ ସାମଲ, ଦେବାଶିଷ ସ୍ୱାଇଁ, ସନ୍ତୋଷ ନାୟକ, ଡ଼ ସଂଗ୍ରାମ ମହାନ୍ତି, ଅମ୍ବିକା ମହାପାତ୍ର, ଚନ୍ଦନ ବିଶ୍ୱାଳ, ପ୍ରଭାତ ବାରିକ, ନିତ୍ୟାନନ୍ଦ ରାଉତ, ରାଜେନ୍ଦ୍ର ନାୟକ, ବାପିନା ବାରିକ, ସନ୍ତୋଷ ବିଶ୍ୱାଳ, ଶିଶିର ବିଶ୍ୱାଳ, ବନ୍ଦିତା ବିଶ୍ୱାଳ, ଶଶ୍ମୀତା ବିଶ୍ୱାଳ, ନିରୁପମା ପାତ୍ର, ସରୋଜିନୀ ସାମଲ, ଗୀତାଞ୍ଜଳି ମିଶ୍ର, କବିତା ଦାସ, ରଶ୍ମୀତା ସ୍ୱାଇଁ, ସଂଗୀତା ପ୍ରିୟଦର୍ଶିନୀ ସ୍ୱାଇଁ, ସ୍ୱର୍ଣ୍ଣଲତା ଦାସ, ଅଞ୍ଜନା ପରିଡ଼ା, କାର୍ତ୍ତିକେଶ୍ୱର ରାଉତ, ନିରୂପମା ପାତ୍ର, ସୋନିଆ ଦାସ, ସତ୍ୟଶ୍ରୀ ବାରିକ, ମାନସ ବିଶ୍ୱାଳ, ମମତା ଦାସ, ଲିପ୍ସା ମହାପାତ୍ର, ପ୍ରଭଞ୍ଜନ ସାମନ୍ତରାୟ, ବିକାଶ ପାତ୍ର ପ୍ରମୁଖଙ୍କ ସମେତ ୧୯୯୯ ବ୍ୟାଚର ସମସ୍ତ ଛାତ୍ର, ଛାତ୍ରୀ ମାନେ ଏହି ବନ୍ଧୁ ମିଳନରେ ଯୋଗଦେଇଥିଲେ ।

## ବିବାହ ନିମନ୍ତ୍ରଣ ପତ୍ର ଛାପିବା ଓ ଭୋଜିଭାତର ଆୟୋଜନ କରିବା କ୍ଷେତ୍ରରୁ ପିତାମାତା ଓହରିଗଲେ ଜାତିପ୍ରଥାର ମୃତ୍ୟୁ ଘଟିବ:ବି.ରାମଚନ୍ଦ୍ର ସିଏସ୍‌ଟି ଭୋଲଟେୟାର

ଜାତିପ୍ରଥା ରହିଛି । ଷ୍ଟାଟସ୍‌ବାଦ ରହିଛି । ଯୌତୁକ ଚାଲିଛି । ବାଜା ବାଜୁଛି । ବାଣ ଫୁଟାରେ ଜୀବନ ଚାଲି ଯାଉଛି । ଏଥିପ୍ରତି ସାମାନ୍ୟତମ ଦୃଷ୍ଟି କୌଣସି ରାଜନେତା ବା ସାମାଜିକ କର୍ମୀଙ୍କର ନାହିଁ । ସମସ୍ତେ ଅନ୍ଧବିଶ୍ୱାସ ମଧ୍ୟରେ ଛନ୍ଦିଛାନ୍ଦି ହୋଇ ହରହର ମହାଦେବ, ଜୟ ଶ୍ରୀରାମ, ଜୟ ହନୁମାନ, କୁମ୍ଭମେଳା କି ଜୟ, ରଥଯାତ୍ରା କି ଜୟ, ଆଦି କାର୍ଯ୍ୟରେ ଲିପ୍ତ ରହୁଛନ୍ତି । ତେଣୁ ଉଚ୍ଚଶିକ୍ଷା ଲାଭ କରିଥିବା ଯୁବତୀଙ୍କ ପ୍ରେମ ସଂପର୍କକୁ ଅବଜ୍ଞା କରି, ତାଙ୍କର ବ୍ୟକ୍ତିଗତ ମର୍ଯ୍ୟାଦାକୁ ଧୂଳିସାତ କରି ପିତାମାତା ଜୋର ଜବରଦସ୍ତ ନିଜ ମନ ମୁତାବକ "ଜ୍ୱାଇଁ" ନିର୍ଣ୍ଣୟ କରି ନିମନ୍ତ୍ରଣ ପତ୍ର ଛାପୁଛନ୍ତି । ଡ଼ିଜେ ବାଜାର ଆଶ୍ରୟ ନେଇ ବେଶ୍ ହୋହଲ୍ଲା ମଧ୍ୟରେ ନିଜର ଷ୍ଟାଟସ୍‌କୁ ସାର୍ବଜନୀନ କରୁଛନ୍ତି ଏବଂ ନିଜ ଝିଅଙ୍କର ସୁଖପ୍ରଦ ବୈବାହିକ ଜୀବନକୁ ଧୂଳିସାତ କରୁଛନ୍ତି । ମୁକ୍ତଚିନ୍ତନବାଦୀ ଦଳ "ଫ୍ରିଥଟ୍ ପାର୍ଟି ଅଫ୍ ଇଣ୍ଡିଆ" ଏପରି କାର୍ଯ୍ୟଧାରାକୁ ଦୃଢ଼ତାର ସହ ବିରୋଧ କରୁଛି । କାରଣ ଏହା ଭାରତ ସଂବିଧାନରେ ସ୍ଥାନୀତ ମୌଳିକ ଅଧିକାର ପ୍ରତି କୁଠାରଘାତ କରୁଛି । ବିଶେଷତଃ ଧାରା ୨୧ ରେ ରହିଥିବା "ଜୀବନ ପ୍ରତି ଅଧିକାର" ଏବଂ ଏଥି ସହିତ ସଂପୂର୍ଣ୍ଣ ଭାବେ ଜଡ଼ିତ ପ୍ରେମବିବାହ ଜୋରଦାର ମାଡ଼ ଖାଉଛି । ଏଠାରେ ଉଲ୍ଲେଖନୀୟ ଏହି ଯେ, କିଛି ବର୍ଷ ତଳେ କଟକ ଜିଲ୍ଲାର ବଡ଼ମ୍ବା -ନରସିଂହପୁର ଅଂଚଳରେ ଦୁଇ ପ୍ରେମିକ-ପ୍ରେମିକାଙ୍କୁ ଦୁଃଖ କଷ୍ଟ ଦିଆଯାଇ ପ୍ରେମିକାଙ୍କ ବିବାହ ଜୋରଜବରଦସ୍ତିରେ ବାଙ୍କି ଅଂଚଳରେ ଜଣେ ଯୁବକଙ୍କ ସହିତ କରାଯାଇଥିଲା । ଏହି କାର୍ଯ୍ୟରେ ସଂପୃକ୍ତ ଯୁବତୀ ଆଦୌ ଖୁସି ନଥିଲେ । ଚଉଠି ରାତିରେ ସେ ତାଙ୍କ ଜବରଦସ୍ତ ସ୍ୱାମୀଙ୍କୁ ହତ୍ୟା କରିଥିଲେ । ତାଙ୍କ ଫାର୍ମାସିଷ୍ଟ ପ୍ରେମିକଙ୍କ ଠାରୁ ସେ ଦୁଇଟି ଇଂଜେକ୍‌ସନ୍ ଆଣିଥିଲେ । ତଦ୍ୱାରା ସେ ତଥାକଥିତ ସ୍ୱାମୀଙ୍କୁ ହତ୍ୟା କରିଥିଲେ । ପରେପରେ ସଂପୃକ୍ତ ଯୁବତୀ ଏବଂ ତାଙ୍କ ପ୍ରେମିକଙ୍କୁ ହତ୍ୟାକାରୀ ଭାବେ ଗିରଫ୍ କରାଯାଇଥିଲା । ପିତାମାତାଙ୍କ ଭୁଲ୍ ପଦକ୍ଷେପ ହେତୁ ଜଣେ ଯୁବତୀ ଆଉ ଦୁଇଜଣ ଯୁବକଙ୍କ ଜୀବନ ସବୁଦିନ ପାଇଁ ବର୍ବାଦ ହେଲା । ଗତ ୧୪ ତାରିଖ ସନ୍ଧ୍ୟା ୯ ରେ ମଧ୍ୟପ୍ରଦେଶ ରାଜ୍ୟର ଗୋଆଲିଅରରେ ଏକ ମର୍ମନ୍ତୁଦ ହତ୍ୟାକାଣ୍ଡ ଘଟି ଯାଇଛି । ୨୦ ବର୍ଷିଆ ଯୁବତୀ ତନୁ ଗୁର୍ଜାରଙ୍କୁ ହତ୍ୟା କରିଛନ୍ତି ତାଙ୍କ ଷ୍ଟାଟସ୍‌ବାଦୀ ବାପା ମହେଶ ଗୁର୍ଜାର । ଯୁବତୀ ତନୁ ଜିଦ୍ ଧରିଥିଲେ ଯେ ସେ ଯେଉଁ ଯୁବକଙ୍କୁ ଭଲପାଇଁ ଆସିଛନ୍ତି ତାଙ୍କୁ ହିଁ ସେ ବିବାହ କରିବେ । ତାଙ୍କ ବାପା ଇଣ୍ଡିଆନ୍ ଏୟାର ଫୋର୍ସର ଯେଉଁ ଯୁବକଙ୍କୁ ଠିକ୍ କରିଛନ୍ତି ତାଙ୍କୁ ସେ କଷ୍ମିନ୍ କାଳେ ବିବାହ କରିବେ ନାହିଁ । ଏଣେ ତାଙ୍କ ବାପା ଜାନୁଆରୀ ୧୮ରେ ବିବାହ କରାଇବେ ବୋଲି ନିମନ୍ତ୍ରଣ ପତ୍ର ଛାପି ଦେଇଛନ୍ତି । ଝିଅଙ୍କ ଦୃଢ଼ ନିଷ୍ପତ୍ତି ଦେଖି ମହେଶ ବାବୁଙ୍କ ରାଗ ପଚଂମ କୁ ଉଠିଗଲା ଏବଂ ସେ ନିଜ ଝିଅଙ୍କୁ ଗତ ୧୪ ତାରିଖରେ ଗୁଳି ମାଡ଼ରେ ହତ୍ୟାକଲେ । ପରେପରେ ସ୍ଥାନୀୟ ପୋଲିସ୍ ତାଙ୍କୁ ଗିରଫ କରିଛନ୍ତି । ଯୁବତୀ ନିଜ ଜୀବନ ପ୍ରତି ଘୋର ବିପଦ ଅଛିବୋଲି ସୋସିଆଲ୍ ମିଡ଼ିଆରେ ଏକ



ଭିଡ଼ିଓ ଜାରି କରିଥିଲେ । ଏହା ସତ୍ତ୍ୱେ ପୋଲିସ ତାଙ୍କ ଜୀବନକୁ ସୁରକ୍ଷିତ ରଖି ପାରିଲେ ନାହିଁ । ତେଣୁ ସମସ୍ତ ଯୁବକ ଯୁବତୀଙ୍କର ବିବାହ ପ୍ରେମ-ଭିତ୍ତିକ ହେଉ ଏବଂ ବିବାହ ଜଗତରୁ ଶତ ପ୍ରତିଶତ ପିତାମାତାଙ୍କୁ ଆଇନ ବାଳରେ ହଟାଇ ଦିଆଯାଉ । ଫ୍ରିଥଟ ପାର୍ଟି ଅଫ୍ ଇଣ୍ଡିଆ ପକ୍ଷରୁ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ଦଳର ସାଧାରଣ ସଂପାଦକ ବି. ରାମଚନ୍ଦ୍ର ଭୋଲ୍‌ଟେୟାର ଏହି ଦାବି କରିଛନ୍ତି ।

## ଦନ୍ତା ଆକ୍ରମଣରେ ପୁଅ ମୃତ, ମା' ଗୁରୁତର

ଖୋର୍ଦ୍ଧା, : ଖୋର୍ଦ୍ଧା ବନାଚଂଳ ଅନ୍ତର୍ଗତ ନନ୍ଦପୁର ପଂଚାୟତ ମହତପଲ୍ଲୀରେ ଦନ୍ତା ଆକ୍ରମଣରେ ମା' ଗୁରୁତର ଆହତ ହୋଇଥିବା ବେଳେ ଦିବ୍ୟାଙ୍ଗ ପୁଅର ମୃତ୍ୟୁ ଘଟିଛି । ଗୁରୁତର ମା' ହେଲେ ସୁଲୋଚନା ମାର୍ଥା । ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତରିତ କରାଯାଇଛି । ମୃତକ ପୁଅ ହେଲେ ସତ୍ୟରଞ୍ଜନ ମାର୍ଥା (୧୭) । ସୂଚନା ମୁତାବକ, ଆଜି ଭୋର ସମୟରେ ଶୌଚ ହେବା ପାଇଁ ମା ପୁଅ ବାରିପଟକୁ ଯାଇଥିଲେ । ଏହି ସମୟରେ ସତ୍ୟକୁ ଦନ୍ତା ଶୁଣ୍ଢରେ ଟେକି କଚାଡି ଦଳି ଦେଇଥିଲା । ପୁଅକୁ ବଂଚାଇବାକୁ ଯାଇ ମା' ଗୁରୁତର ହୋଇଥିଲେ । ଦନ୍ତା ତାଙ୍କୁ କଚାଡି ଦୁଇ ଗୋଡରେ ଦଳି ଦେଇଛି । ଗୁରୁତର ଅବସ୍ଥାରେ ମା' ପୁଅଙ୍କୁ ଖୋର୍ଦ୍ଧା ମେଡିକାଲକୁ ଚିକିତ୍ସା ପାଇଁ ନିଆଯାଇଥିଲା । ହେଲେ ସେଠାରେ ଡ଼ାକ୍ତର ପୁଅକୁ ମୃତ ଘୋଷଣା କରିଥିବା ବେଳେ ସୁଲୋଚନାଙ୍କୁ ଭୁବନେଶ୍ୱର ଏମ୍ସ ପଠାଇଥିଲେ । ଖବର ପାଇ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡା, ପଂଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ନନ୍ଦପୁର ସରପଂଚ ବିପ୍ଲବ କେଶରୀ ବଳିଆରସିଂହଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଂଚିଥିଲେ । ଏନେଇ ରେଞ୍ଜର ପଣ୍ଡା କୁହନ୍ତି ।

# କାନନେଶ୍ୱର ମନ୍ଦିର, ପଟିଆରେ ବନ୍ଧୁମିଳନ

ଭୁବନେଶ୍ୱର : ଆଜି ବଡମ୍ବା ଶଙ୍ଖାମେରୀ, କନ୍ତପଡ଼ା ଓ ମଙ୍ଗରାଜ ପୁର ଗ୍ରାମର ଭୁବନେଶ୍ୱର, କଟକରେ ରହୁଥିବା ନାଗରିକ ମାନେପଟିଆସ୍ଥ କାନନେଶ୍ୱର ମନ୍ଦିରରେ ଏକାଠି ହୋଇ ଭାବ ବିନିମୟ କରିଥିଲେ । ନିରଞ୍ଜନ ମିଶ୍ର ଓ ପ୍ରମୋଦିନୀ ଦ୍ୱୋଙ୍କ ଏ ଉଦ୍ୟମକୁ କାର୍ଯ୍ୟନ୍ୱୟନ କରିବାରେ ସନ୍ତୋଷ ପଟ୍ଟନାୟକ, କୃପାନିଧି ବିଶ୍ୱାଳ, ନାରାୟଣ କର, ମାଧବ ମହାପାତ୍ର ଆଗେଇଆସିଥିଲେ । 'ଶଙ୍ଖାମେରୀ ଗ୍ରୁପ 'ନାମରେ ଗଠିତ ଏହି ସଂଗଠନ ନିରପେକ୍ଷ ଭାବେ ସମାଜ ମଙ୍ଗଳ କାର୍ଯ୍ୟକ୍ରମ କରିବ ବୋଲି ପ୍ରସ୍ତାବ ଗୃହୀତ ହେଲା ।ଓଡ଼ିଆ ସାହିତ୍ୟ, ସଂସ୍କୃତି ପ୍ରଚାର ପ୍ରସାର ଦିଗରେ ଏହି ସଂସ୍ଥା କାର୍ଯ୍ୟକ୍ରମ କରିବା ସହିତ ଆଗାମୀ ତିନି ମାସ ଭିତରେ ଆଉ ଏକ ବନ୍ଧୁ ମିଳନ କରାଯାଇ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଉପରେ ନିଷ୍ପତ୍ତି କରାଯିବା ପ୍ରସ୍ତାବ ଗ୍ରହଣ କରାଗଲା ।ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏକ କମିଟି ଗଠିତ କରାଗଲା ।ଏହାର ସଦସ୍ୟ ଭାବେ ଯୁବ ପ୍ରତିଭାଙ୍କୁ ମନୋନୀତ କରାଗଲା । ସେମାନେ ହେଲେ ସଚିକାନ୍ତ ଦାଶ, ରାକେଶ ସ୍ୱାଇଁ, ହରିହର ମହାନ୍ତି, ଦୀପକ ରାଉତ, ବିଜୟ କୁମାର ନନ୍ଦ, ସନ୍ତୋଷ ବାରିକ । ଏମାନଙ୍କୁ ପ୍ରେରଣା ଓ ଦିଗ



ଦର୍ଶନ ଦେବାକୁ ନିରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଏକ ପରାମର୍ଶ ଦାତା କମିଟି ଗଠିତ ହେଲା । କମିଟିର ଅନ୍ୟ ସଦସ୍ୟ ମାନେ ହେଲେ ସନ୍ତୋଷ ପଟ୍ଟନାୟକ, ନାରାୟଣ କର, କୃପାନିଧି ବିଶ୍ୱାଳ, ଶ୍ରୀକାନ୍ତ ଦାଶ, ପ୍ରସନ କୁମାର ମିଶ୍ର, ମାଧବ ଚନ୍ଦ୍ର ମହାପାତ୍ର ଓ ଶୁକଦେବ ବିଶ୍ୱାଳ

ଉକ୍ତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସଦସ୍ୟ ମାନେ ଥିଲେ ସତ୍ୟମଞ୍ଜରୀ ଦେବି, ଅନୁପମା ନନ୍ଦ, ପ୍ରଭାତୀ ନନ୍ଦ, ସୁଦର୍ଶନ ସାହୁ, ପୂର୍ଣ୍ଣଚନ୍ଦ୍ରଷଡ଼ଙ୍ଗୀ, ପ୍ରମୋଦ ପଟ୍ଟନାୟକ, ପ୍ରଶାନ୍ତ ପଟ୍ଟନାୟକ, ଦେବରାଜ ବରାଳ, ପ୍ରଭାମୟୀ ନନ୍ଦ, ନିରଞ୍ଜନ ମିଶ୍ର (ବାବୁ), ପ୍ରଭାସିନୀ ରାୟଗୁରୁ , ଦମୟନ୍ତୀ ନନ୍ଦ,, ସୌଦାମିନୀ ରାୟଗୁରୁ , ଗୋପୀନାଥ ସେଠୀ , ଗୀତାଞ୍ଜଳି ବିଶ୍ୱାଳ, ଶେଫାଳି କର, କୃଷ୍ଣପ୍ରିୟା ମିଶ୍ର, ଜୟକୃଷ୍ଣ ମହାନ୍ତି, ଉଦୟନାଥ ବେହେରା, ଗୋଲଖ ମଲିକ ।ପ୍ରାୟ ୭୦ ପରିବାର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଭାବ ବିନିମୟ କରିଥିଲେ ଓ ଏଭଳି ଏକ ସଂଗଠନର ଆବଶ୍ୟକତାକୁ ସମସ୍ତେ ଅନୁଭବ କରିବା ସହିତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

## 'ଘୁମୁରା' ଉତ୍ସବରେ କଳାହାଣ୍ଡିର ଯୁବ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କଲା ବେଦାନ୍ତ

ଲାଞ୍ଜିଗଡ଼ : ବେଦାନ୍ତ ଆଲୁମିନିୟମର ଭାରତର ଅଗ୍ରଣୀ ସ୍ମେଲଟର ଗ୍ରେଡ୍ ଆଲୁମିନା ଉତ୍ପାଦନକାରୀ ତଥା ବେଦାନ୍ତ ଆଲୁମିନିୟମର ସହାୟକ ସଂସ୍ଥା ବେଦାନ୍ତ ଲିମିଟେଡ୍ ପକ୍ଷରୁ କଳାହାଣ୍ଡି ଜିଲ୍ଲାର ୯ ଜଣ ଯୁବକଙ୍କୁ ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି ।ବେଦାନ୍ତର ଆଲୁମିନା ବିଜନେସ୍ ର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଜିଲ୍ଲାର ଯୁବ ପ୍ରତିଭାମାନଙ୍କୁ ସମ୍ମାନଜନକ ଜ୍ଞାନ ଶ୍ରୀ ପୁରସ୍କାର ପ୍ରଦାନ କରିଥିଲେ ।ବେଦାନ୍ତ ଆଲୁମିନିୟମ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପୁରସ୍କାର ରାଜ୍ୟ ବୋର୍ଡ ଟପର୍, ସିବିଏସ୍‌ଇ ବୋର୍ଡ ଟପର୍, ଆଇସିଏସ୍‌ଇ ବୋର୍ଡ ଟପର୍ ଙ୍କ ସମେତ ବିଭିନ୍ନ ବର୍ଗରେ ଶ୍ରେଷ୍ଠତା ବୃଦ୍ଧି କରିବା ସହ ଟପର୍ ମାନଙ୍କୁ ମାନ୍ୟତା ପ୍ରଦାନ କରିବ । କମ୍ପାନୀ ୯ ଜଣ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପାଠପଢ଼ାରେ ସାହାଯ୍ୟ କରିବା ପାଇଁ ଲାପଟପ୍ ମଧ୍ୟ ଉପହାର ଦେଇଥିଲା ।ଏହାବ୍ୟତୀତ ବେଦାନ୍ତ ଆର୍ଚରୀ ଇନିସିଏଟିଭ୍ ର ଯୁବ ତୀରନ୍ଦାଜମାନଙ୍କୁ ରାଜ୍ୟ ଓ ଜାତୀୟ ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ପାଇଁ ଜିଲ୍ଲା



ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି । ଏହି କ୍ରୀଡ଼ାବିତମାନେ ଏହି ଅଞ୍ଚଳର ପ୍ରଚୁର ସାମର୍ଥ୍ୟ ଏବଂ କ୍ରୀଡ଼ା ମାଧ୍ୟମରେ ଯୁବପିଢ଼ିଙ୍କୁ ପ୍ରୋତ୍ସାହିତ କରିବା ରେ ବେଦାନ୍ତର ପ୍ରୟାସର ପ୍ରଭାବର ପ୍ରମାଣ ପାଲଟିଛନ୍ତି ।ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, ବେଦାନ୍ତର ଲାଞ୍ଜିଗଡ଼ ଅଭିଯାନରେ କଳାହାଣ୍ଡିର ଯୁବପିଢ଼ିଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ପ୍ରୋତ୍ସାହିତ କରିବା ସହ ଏହି ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷିତ ରଖିବା ପାଇଁ ଆମେ ଦୃଢ ପ୍ରତିଶ୍ରୁତିବଦ୍ଧ । ଜ୍ଞାନ ଶ୍ରୀ ପୁରସ୍କାର ଏବଂ ଆମର ତୀରନ୍ଦାଜି କାର୍ଯ୍ୟକ୍ରମ ଭଳି ପଦକ୍ଷେପର ଉଦ୍ଦେଶ୍ୟ ସମ୍ପ୍ରଦାୟକୁ ଉତ୍କୃଷ୍ଟ କରିବା ପାଇଁ ସଶକ୍ତ କରିବା ।କଳାହାଣ୍ଡିର ଜୀବନ୍ତ ସଂସ୍କୃତିକୁ ପାଳନ କରିବା ପାଇଁ ଆୟୋଜିତ ବାର୍ଷିକ ଉତ୍ସବ ଘୁମୁରାରେ କଳା, ପରମ୍ପରା ଓ ଐତିହ୍ୟର ସମନ୍ୱୟ କରାଯାଇ ଏହି ଅଞ୍ଚଳର ସମୃଦ୍ଧ ପରମ୍ପରାକୁ ପ୍ରଦର୍ଶିତ କରାଯାଇଥିଲା । ଏହି ଅବସରରେ ବେଦାନ୍ତ ଆଲୁମିନିୟମ ଏହାର ଷ୍ଟଲରେ ହଜାର ହଜାର ଦର୍ଶକଙ୍କୁ ଆୟୋଜନ କରିଥିଲା ।

## ସୋସିଆଲ ମିଡିଆରେ ଭାଇରାଲ୍ ହେଲା ସମ୍ବେଦନଶୀଳ ଶ୍ରୀମନ୍ଦିରର ଗର୍ଭଗୃହର ଭିଡିଓ



ପୁରୀ : ପୁଣି ଶ୍ରୀମନ୍ଦିର ସୁରକ୍ଷା କୁ ନେଇ ଉଠିଲା ପ୍ରଶ୍ନବାଚୀ । ସୋସିଆଲ ମିଡିଆରେ ଭାଇରାଲ୍ ହେଲା ସମ୍ବେଦନଶୀଳ ଶ୍ରୀମନ୍ଦିରର ଗର୍ଭଗୃହର ଭିଡିଓ । ବୃନ୍ଦାବନ ର ଜଣେ ବ୍ୟକ୍ତି ବାଙ୍କେ ବିହାରୀ ଅନନ୍ତ ନିଜ ଇନଷ୍ଟାଗ୍ରାମ ଓ ଫେସ ବୁକରେ ଶ୍ରୀମନ୍ଦିର ଗର୍ଭଗୃହର ଭିଡିଓ ଭାଇରାଲ୍ କରିଛନ୍ତି । ତେବେ ଏହି ବ୍ୟକ୍ତି ଜଣକ ଶ୍ରୀମନ୍ଦିର ଗର୍ଭଗୃହ ଭିଡିଓ ସହ ଭିତର ବେଢାର ଭିଡ଼ିଓ ମଧ୍ୟ ଭାଇରାଲ କରିଛନ୍ତି । ସୋସିଆଲ ମିଡିଆରେ ଗତକାଲି ରାତିରେ ଏହି ବ୍ୟକ୍ତି ଜଣକ ନିଜ ଇନଷ୍ଟାଗ୍ରାମ ଓ ଫେସବୁକରେ ଭିଡିଓ ଅପଲୋଡ଼ କରି ଭାଇରାଲ୍ କରିଛନ୍ତି । ତେବେ ଶ୍ରୀମନ୍ଦିର ବାହାରେ ଏବଂ ଭିତରେ ପୋଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଏହି ବ୍ୟକ୍ତି ଜଣକ ମୋବାଇଲ୍ ଫୋନ୍ କିଭଳି ନେଲେ ଏବଂ ସମ୍ବେଦନଶୀଳ ଗର୍ଭଗୃହ ଓ ଭିତର ବେଢ଼ା ର ଭିଡିଓ ଉତ୍ତୋଳନ କରି ଭାଇରାଲ୍ କଲେ ତା'କୁ ନେଇ ଜଗନ୍ନାଥ ପ୍ରେମୀ ପ୍ରଶ୍ନ ଉଠାଇଛନ୍ତି । ସେହିପରି ଶ୍ରୀମନ୍ଦିର ଭିତରେ ଶ୍ରୀମନ୍ଦିର ପ୍ରଶାସନ ର ମାଳ ମାଳ କର୍ମଚାରୀ, ସେବାୟତ, ଜେଟିପି ଉପସ୍ଥିତ ରହୁଥିଲେ ମଧ୍ୟ ଏଭଳି ଘଟଣା ବାରମ୍ବାର ଘଟୁଥିବାରୁ ସାଧାରଣରେ ଉଦବେଗ ପ୍ରକାଶ ପାଇଛି । ଗତକିଛି ପୂର୍ବରୁ ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡିବା ସହ ଫେସବୁକ୍ ରେ ମଧ୍ୟ ଶ୍ରୀମନ୍ଦିର ଭିତର ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଥିଲା । ଏନେଇ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କ ଟେର୍ ପାଇନାହିଁ ।

## ଗଞ୍ଜେଇ ଚୋରା ଚାଲାଣ ବେଳେ କଳିଙ୍ଗାରେ ମାଡ଼ି ବସିଲା ଅବକାରୀ ବିଭାଗ



ଜି. ଉଦୟଗିରି, : କନ୍ଧମାଳ ରୁ ପୁରି ଗଞ୍ଜେଇ ଚୋରା ଚାଲନା ବେଳେ ମାଡ଼ି ବସିଲା ଅବକାରୀ ବିଭାଗ । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ବିଭାଗର ଜିଲ୍ଲା ମୋବାଇଲ ଟିମ୍ ଏବଂ ରାଇକିଆ ଅବକାରୀ ବିଭାଗ କର୍ମଚାରୀ ମିଳିତ ଭାବେ ଇନ୍ସପେକ୍ଟର ପୂର୍ଣ୍ଣ ଚନ୍ଦ୍ର ବେହେରା ଙ୍କ ନେତୃତ୍ୱରେ ସବଇନ୍ସପେକ୍ଟର ଭବାନୀ ଶଙ୍କର ସେଠୀ ଓ ଟିମ୍ ଜି.ଉଦୟଗିରି ଥାନା ଅନ୍ତର୍ଗତ କଳିଙ୍ଗା ନିକଟରେ ତିନୋଟି କାର ଉପରେ ଚଢ଼ାଉ କରି ୭୨ କେଜି ଗଞ୍ଜେଇ ଜବତ ସହ ୫ ଜଣ ଚୋରା ଚାଲାଣ କରୁଥିବା ଅଭିଯୁକ୍ତ ଙ୍କୁ ଗିରଫ କରି କେଶ ନମ୍ବର ୮୬/୨୪-୨୫, ୨୭୦/୨୪-୨୫ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ଗୋପ ଓ ନିମାପଡ଼ା ଅଞ୍ଚଳ ର ଆଲୋକ ଭୋଇ , ଦୁର୍ଗା ଚରଣ ମଲିକ, ମନୋଜ କୁମାର ଦାସ ତିନି ଜଣ ପୁରି ଅଞ୍ଚଳ ହୋଇଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ର ଅକ୍ଷୟ ମଲ୍ଲିକ ଏବଂ ପ୍ରକାଶ ଦିଗାଲ ଟିକାବାଲି ଅଞ୍ଚଳ ର ବୋଲି ଜଣା ପଡ଼ିଛି ।

# ଡାକ୍ତର ହେଲେ ସେକ ବାସୀତ ଅଲ୍ଲି

କେନ୍ଦ୍ରାପଡା, : କେନ୍ଦ୍ରାପଡା ପୌରସଂସ୍ଥା ଅନ୍ତର୍ଗତ ୱାର୍ଡ ନଂ - ୧୨ ସ୍ଥିତ ଜୟପୁରା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସେକ୍ ସଫାତ୍ ଅଲ୍ଲିଙ୍କ ପୁଅ ସେକ୍ ବାସୀତ ଅଲ୍ଲି ନାମକ ଯୁବକ ପ୍ରଥମେ ଆଇଡିଆଲ୍ ପବ୍ଲିକ୍ ସ୍କୁଲରେ ମ୍ୟାଟ୍ରିକ ପରୀକ୍ଷାରେ ସତକଡା ୭୬ % ନମ୍ବର ରଖି କୃତକାର୍ଯ୍ୟ ହେବାପରେ ଭୁବନେଶ୍ୱର ସ୍ଥିତ ଗ୍ଲୋରିଅସ୍ +୨ ବିଜ୍ଞାନ କଲେଜରୁ ସତକଡା ୭୩ % ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ଭାରତ ବାହାରେ ସୁଦୂର ୟୁକ୍ରେନର କ୍ୟିୟୁଭ୍ ମେଡିକାଲ କଲେଜରେ ସାଢେ ୩ବର୍ଷ ଏବି.ବି.ବି.ଏସ ପାଠ ପଢୁଥିବା ବେଳେ ରୁଷ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଲାଗିରହିବାରୁ ଭାରତୀୟ ମାନଙ୍କୁ ୟୁକ୍ରେନ ସରକାର ଦେଶ ଛାଡିବାକୁ ବାରମ୍ବାର କହିବାରୁ ସବୁ ଭାରତୀୟ ନାଗରୀକ ମାନଙ୍କ ଭଳି ଯୁଦ୍ଧ ଭୟରେ ସେକ୍ ବାସୀତଙ୍କୁ ମଧ୍ୟ ୟୁକ୍ରେନ୍ ମାଟିକୁ ଛାଡିବାକୁ ପଡିଥିଲା । ଫଳରେ ଡାକ୍ତରୀ ପାଠ ପଢାରେ ଟିକେ ସାମାନ୍ୟ ବାଧା ସୃଷ୍ଟି ହୋଇଥିଲେ ମଧ୍ୟ ବାସୀତକୁ ହାର ମାନିବାକୁ ପଡିନଥିଲା । ମନରେ ଥିବା ଦୃଢ଼ ମନବଳ ତାଙ୍କୁ ଆଗକୁ ବଢିବାକୁ ଏବଂ ଡାକ୍ତରୀ ପାଠ ପଢିବାକୁ ଟାଣି ନେଇଥିଲା । ପରେ ପରେ ବାସୀତ୍ ଉଜବେକ୍ ସ୍ଥାନ୍ନରେ ଥିବା ମେଡିକାଲ୍ କଲେଜରେ ପୁନ୍ନ ଆଡମିସନ୍ କରିବା ପରେ ଦୀର୍ଘ ଦେଢବର୍ଷ ସେଠାରେ ମେଡିକାଲ୍ ପାଠ ପଢିବାପରେ ବିଦେଶ ମାଟିରୁ ସଫଳତାର ସହିତ ଓଡିଆ ପୁଅ ବାସୀତ ଏମ.ବି.ବି.ଏସ୍ କ୍ଲିୟର କରି ଭାରତ ଫେରିଥିଲେ । ବିଦେଶରୁ ମେଡିକାଲ୍ ପାଠ ପଢି ଫେରିଲେ ଭାରତରେ ଡାକ୍ତର ହେବାପାଇଁ ପୁଣି ଆଉଥରେ ଏଫ.ଏମ୍.ଜି ପରୀକ୍ଷା ଦେଇ କୃତକାର୍ଯ୍ୟ ହେବାକୁ ପଡି ଥାଏ । ଗତକାଲି ଏଫ୍.ଏମ୍. ଜି ପରୀକ୍ଷାରେ ଫଳ ବାହାରିବା ପରେ ସେକ ବାସୀତ ଅଲ୍ଲି କୃତକାର୍ଯ୍ୟ ହୋଇଥିବାରୁ ଜୟପୁରା ଗ୍ରାମର କାଉନସିଲର ସେକ୍ ଚାନ୍ଦ ଖବର ପାଇବା ପରେ ତାଙ୍କଘରେ ପହଞ୍ଚି ଡାକ୍ତର ସେକ୍ ବାସୀତ ଅଲ୍ଲିଙ୍କୁ ତାଙ୍କ ବାସ ଭବନରେ ପହଞ୍ଚି ପୁଷ୍ପଗୁଚ୍ଛ ଉତ୍ତରୀୟ ଦେଇ ମିଷ୍ଟାନ୍ନ ଖୁଆଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିବା ପରିବାର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ସାରସଗୁଡା ଗ୍ରାମକୁ ଜଳାଯୋଗଣାରେ ଅଣଦେଖା

ଧର୍ମଗଡ଼ (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚିଚ୍ଚିଆ ପଞ୍ଚାୟତର ସାରସଗୁଡା ଗ୍ରାମରେ ଜଳଯୋଗାଣରେ ଅଣଦେଖା କରାଯାଉଥିବା ଏକ ସାଙ୍ଘାତିକ ଅଭିଯୋଗ ହେଉଛି । ସୂଚ୍ନାରୁ ପ୍ରକାଶ ବନ୍ଦାଗାଁ ଠାରେ ନିର୍ମାଣ ହୋଇଥିବା ମେଘା ଜଳ ପ୍ରକଳ୍ପ ୧୬୮ କୋଟି ଟଙ୍କାରେ ନିର୍ମିତ ହେଉଥିବା ବେଳେ ବ୍ଲକର ୨୮ ଗୋଟି ପଞ୍ଚାୟତକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ହେଲେ ଆଜି ପର୍ଯ୍ୟନ୍ତ ସାରସଗୁଡା ଗ୍ରାମକୁ ପାଣି ଯୋଗାଇବାର ଦୂରକଥା ପାଣି ପାଇପ ସଂଯୋଗ ହୋଇ ନ ଥିବା ଗ୍ରାମ ବାସୀ କହିଛନ୍ତି । ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି । ବର୍ତ୍ତମାନ ମଇ ମାସ ଆଗମନ ହୋଇଛି ଜଳ ଶଙ୍କଟ ଦେଖା ଦେଇଛି ଏପଟେ ପ୍ରଚଣ୍ଡ ଉତ୍ତାପରେ ଜିନଜୀବନ ଡହକ ବିକଳ ହେଉଛନ୍ତି । ଏପରି ସ୍ଥଳେ ଉକ୍ତ ଗ୍ରାମକୁ ଜଳଯୋଗାଣରେ ଅଣଦେଖା କରିବା କେତେଦୂର ଯୁକ୍ତିଯୁକ୍ତ ଯାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରଚଣ୍ଡ ଖରା ସାଙ୍ଗକୁ ଜଳସ୍ତର ବହୁତଳକୁ ଖସି ଆସିବାରୁ ଗାଁରେ ପୋଖରୀ, କୂଅ ଗୁଡିକ ଶୁଖିଗଲାଣି ଯାହାକୁ ନେଇ ଜଳ ସଙ୍କଟ ଦେଖାଦେଇଛି । ଜଳ ସଙ୍କଟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗତବର୍ଷ ଚିଚ୍ଚିଆ ପଞ୍ଚାୟତ ଅନ୍ତର୍ଗତ ପଣ୍ଡକୁଲ, ଲାକୁରଭଟା, ଚିଚ୍ଚିଆ ଗ୍ରାମ କୁ ପାଣି ଟେଙ୍କର ଯୋଗେ ସରପଞ୍ଚ ପାଣି ଯୋଗାଇ ଦେଇଥିବାବେଳେ ସାରସଗୁଡା ଗ୍ରାମ କୁ ପାଣି ଦେଇନଥିଲେ । ଏ ନେଇ ଗ୍ରାମବାସୀ ପକ୍ଷରୁ ପଞ୍ଚାୟତର ସରପଞ୍ଚ ଠାରୁ ମେଘା ପ୍ରକଳ୍ପ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ ବିଧାୟକଙ୍କୁ ଅନେକ ଥର ଅଭିଯୋଗ ଦେବା ସତ୍ତ୍ୱେ ବି କୌଣସି ଫଳପ୍ରଦ ହୋଇପାରୁନାହିଁ । ସରକାର ମାଳ ମାଳ ଯୋଜନା କରୁଛନ୍ତି ହେଲେ କାହା ପାଇଁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏ ନେଇ ମେଘା ପ୍ରକଳ୍ପ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ସୁବାଷ ପଣ୍ଡାଙ୍କୁ ପଚ଼ାରିବାରୁ ସାରସ ଗୁଡା ଗ୍ରାମ ଚିଚ୍ଚିଆ ପଞ୍ଚାୟତ ଭିତରେ ଉଚ୍ଚ୍‌ରେ ଅଛି । ତେଣୁ ପାଣି ଯୋଗାଣରେ ବାଧା ହେଉଛି । ପଣ୍ଡକୁଲ ପଟରୁ ପାଣି ପାଇପ ସଂଯୋଗ କରି ପାଣି ଯୋଗାଇ ଦିଆଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି । ଏହାର ତୁରନ୍ତ ସମାଧାନ କରିବାକୁ ଗ୍ରାମର ଭୁବନେଶ୍ୱର କୁମାର ପଟେଲ, ଗୁଡ଼ ?ଶ୍ୱର ମାଝୀ, ବୋଲୋରାମ ଅଘରିଆ, ରାଜାରାମ ଅଘରିଆ, ସୀତାରାମ ପଟେଲ, ରାହାସ ଅଘରିଆ, ଚୁଡାମଣି ଅଘରିଆ, ପତିରାମ ମାଝୀ ପ୍ରମୁଖ ଦାବିକରିଛନ୍ତି । ପୁଣି ପଣ୍ଡକୁଲ ଓ କୁମ୍ଭାରି ମାଳପଡା ମଝିରେ ରହୁଥିବା ମିଳଘର ପାଖରେ ଥିବା ୧୦ରୁ ଉର୍ଦ୍ଧ ପରିବାର କୁ ପାଣିର କୌଣସି ପାଇପ ନଳୀ ପୋତା ଯାଇ ନାହିଁ କି କୌଣସି ନଳକୂପ ମଧ୍ୟ ନାହିଁ ଯାହାଫଳରେ ଏଠାରେ ବସ ବାସ କରୁଥିବା ଜନସାଧାରଣ ଅସୁବିଧା ହେଉଛି । ଏହାର ମଧ୍ୟ ବ୍ୟବସ୍ଥା କରନ୍ତୁ ବୋଲି ଦାବୀ ହେଉଛି ।

# ଦିବଂଗତ ଗଙ୍ଗାଧର ସ୍ମାରକୀ ପଶାଖେଳ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ

ଆନନ୍ଦପୁର : ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳିରେ ଜିଲ୍ଲା ସ୍ତରୀୟ ଦିବଂଗତ ଗଙ୍ଗାଧର ନାଥ ସ୍ମାରକୀ ପଶାଖେଳ ଟୁର୍ଣ୍ଣାମେଣ୍ଟ ଡ଼ ବଟକୃଷ୍ଣ ନାଥଙ୍କ ତତ୍ତ୍ୱାବଧନରେ ଶୁଭ ଉଦଘାଟନ ହୋଇଯାଇଛି ।ଏଥିରେ ମୋଟ ୨୪ଟି ଟିମ୍ ଅଂଶଗ୍ରହଣ କରି ପରସ୍ପର ମଧ୍ୟରେ ପଶାଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।ଉକ୍ତ ମ୍ୟାଚକୁ ମା ତାରିଣୀ ପଶା ଟୁର୍ଣ୍ଣାମେଣ୍ଟ ସଂଘ କମିଟିର ସଭାପତି ଅବସରପ୍ରାପ୍ତ ପ୍ରଫେସର ଡ଼ ବଟକୃଷ୍ଣ ନାଥ ଏବଂ ସମ୍ପାଦକ ଚିନ୍ତାମଣି ମହାଉରଙ୍କ ନେତୃତ୍ୱରେ ଏହି ପଶା ଟୁର୍ଣ୍ଣାମେଣ୍ଟ ଗତ ଦୁଇବର୍ଷ ଧରି ଆରମ୍ଭ ହୋଇଛି ।ଏଥିରେ କାର୍ଯ୍ୟକରିଣୀ ସଭାପତି ଅନିରୂଧ ବିଶ୍ୱାଳ ,ସହ ସମ୍ପାଦକ କାହ୍ନେଇ ରାଉତ, ଉପସଭାପତି ଉମାକାନ୍ତ ମାଝୀ, ନାରାୟଣ ଦାସ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି । ମୋଟ୍ ୨୪ଟି ପଶାଟିମ୍ ପରସ୍ପର ମଧ୍ୟରେ ବହୁ ସଂଘର୍ଷପୂର୍ଣ୍ଣ ଖେଳ ଖେଳି ଅଞ୍ଚଳରେ ଏକ ନାମ ଅର୍ଜନ କରୁଛନ୍ତି । ଏହି ପୁରାତନ ରୋମାଂଚକର ପଶା ଖେଳ ଦେଖିବା ପାଇଁ ସତାଧିକ ଦର୍ଶକ ଏକତ୍ରିତ ହୋଇ ଶାନ୍ତି ଶୃଙ୍ଖଳାରେ ମନଭରି ଉପଭୋଗ କରୁଛନ୍ତି । ଏଥିରେ ମୂଳଲକ୍ଷ୍ୟ ପରସ୍ପର ମଧ୍ୟରେ ଏକ ଭାଇଚାରା ବଜାଇ ରଖିବା ଏବଂ ବୟସ୍କ ବ୍ୟକ୍ତି ମାନଙ୍କୁ ଏକତ୍ରିତ କରାଯାଇ ପରସ୍ପର ମଧ୍ୟରେ ଖୁସି ବାଣ୍ଟିବା ସହିତ ସଭାପତି ଡ଼ ବଟକୃଷ୍ଣ ନାଥଙ୍କ ପିତା ଦିବଂଗତ ଗଙ୍ଗାଧର ନାଥଙ୍କ ଜୀବନିକୁ ମନେ ପକାଇବା ଉଦ୍ଦେଶ୍ୟରେ ଏହି ଖେଳ କରାଯାଇଛି । କେନ୍ଦୁଝର ଜିଲ୍ଲାର ବେଲବାହାଳି ଅଞ୍ଚଳରେ ଏଭଳି ଏକ ପୁରାତନ ଖେଳକୁ ବଜାଇ ରଖି ପରସ୍ପର ମଧ୍ୟରେ ଏକ ସୁନ୍ଦର ବନ୍ଧୁତା ସ୍ଥାପନ କରିବା ସହ ରାଜକୀୟ ଖେଳକୁ ଉଜ୍ଜୀବିତ ରଖିବା ପାଇଁ ଯୁବପିଢିଙ୍କୁ ଆହ୍ୱାନ କରିଛନ୍ତି ।ମନ ବଳ ଓ ସ୍ମରଣ ଶକ୍ତି ଭଲ ଭାବରେ କାମ କରିପାରିବ ବୋଲି ବରିଷ୍ଠ ବ୍ୟକ୍ତି ମାନେ ପ୍ରକାଶ କରିଛନ୍ତି ।




# ତାଳଚେର ଦେଉଳବେଢ଼ା ତେଲିସାହି ଠାରେ ସାମାଜିକ ପ୍ରକଳ୍ପ ଗୁଡିକର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଅନୁଗୋଳ/ତାଳଚେର, (ପି.ଏନ): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ତାଳଚେର ଦେଉଳବେଢ଼ା ତେଲିସାହି ଗ୍ରାମରେ ଏକ କଲ୍ୟାଣ ମଣ୍ଡପ, ଗ୍ରାମର ସୁସଜ୍ଜିତ ମୁଖ୍ୟ ତୋରଣ ଏବଂ ନାଚ ମଣ୍ଡପର ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଗ୍ରାମବାସୀଙ୍କୁ ଅଭିନନ୍ଦନ ଜଣାଇବା ସହ କହିଛନ୍ତି ଯେ ପ୍ରାୟ ୨୬ ଲକ୍ଷ ଟଙ୍କା ବ୍ୟୟବରାଦରେ ଉଦଘାଟିତ ହୋଇଥିବା ସମସ୍ତ ପ୍ରକଳ୍ପ ଗୁଡ଼ିକ ଗାଁରେ ବାହାଘର, ବ୍ରତଘର ଭଳି ସାଂସ୍କୃତିକ, ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗର ଭୂମିକା ଗ୍ରହଣ କରିବ । ଗ୍ରାମବାସୀମାନେ ଏହି ସବୁ ବ୍ୟବସ୍ଥା ଦ୍ୱାରା ବିଶେଷ ଉପକୃତ ହୋଇପାରିବେ । ଗାଁର ଜନସାଧାରଣ ବିଶେଷ ଭାବରେ ଯୁବବନ୍ଧୁଙ୍କ ଉତ୍ସାହ କାରଣରୁ ଏହି କାମ ସମ୍ଭବ ହୋଇପାରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱ ଓ ବିକାଶର କଳ୍ପନାରେ ଏହି ସବୁ ସାମାଜିକ କାର୍ଯ୍ୟରେ ସହଯୋଗୀ ହୋଇଥିବାରୁ ଶ୍ରୀ ପ୍ରଧାନ ଏମସିଏଲକୁ ଧନ୍ୟବାଦ ଜଣାଇଛନ୍ତି । ସେ ଆହୁରି କହିଛନ୍ତି ଯେ ଆଜି ଆମ ଜିଲ୍ଲା ଅନୁଗୋଳ ପାଇଁ ଏକ ବିଶେଷ ଦିନ । ଜିଲ୍ଲାରେ ଶିକ୍ଷା ଓ ଦକ୍ଷତା ବିକାଶକୁ ଆଗକୁ ନେବା ପାଇଁ ଅନୁଗୋଳରେ ଆଇଆଇଏମ ମୁମ୍ବାଇ ଓ ଆଇଆଇଏମ ସମ୍ବଲପୁର ଦ୍ୱାରା ପରିଚାଳିତ ହେବାକୁ ଥିବା ମ୍ୟାନେଜମେଣ୍ଟ ଶିକ୍ଷା କେନ୍ଦ୍ରର ଉଦଘାଟନ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟର ନୂତନ ଭବନ ସହ ସ୍କିଲ ଇଣ୍ଡିଆ ସେଣ୍ଟର, ଜନ ଶିକ୍ଷଣ ସଂସ୍ଥାନର ଲୋକାର୍ପଣ ଭଳି କାର୍ଯ୍ୟକ୍ରମ ଗୁଡିକ ଜିଲ୍ଲାକୁ ଗୁଣାତ୍ମକ ଶିକ୍ଷା, ମ୍ୟାନେଜମେଣ୍ଟ ଏବଂ ଦକ୍ଷତା କ୍ଷେତ୍ରରେ ଅଗ୍ରଣୀ କରାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ସାଂସଦ ରୁଦ୍ର ନାରାୟଣ ପାଣି , ଏନ ଏସ ଆଇ ସି ଡାଇରେକ୍ଟର କାଳନ୍ଦି ସାମଲ,ଏମ୍ସିଏଲ ଲିଙ୍ଗରାଜ କ୍ଷେତ୍ରର ଜିଏମ ସୁବ୍ରତ ବିଶ୍ୱାଳ, ଜଗନ୍ନାଥ ଜିଏମ ଅଶୋକ କୁମାର ଧଳ, ଏମ୍ସିଏଲ ର ସମସ୍ତ ଅଧିକାରୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ,ଗ୍ରାମ ସଭାପତି ନବ କିଶୋର ସାହୁ, ଉପ ସଭାପତି ଶଙ୍କର୍ଷଣ ବେହେରା, ବାବୁଲା ପୃଷ୍ଟି,ପ୍ରାକ୍ତନ ଉପ ନଗରପାଳ ସୁଫଳା ପୃଷ୍ଟି, କାର୍ତ୍ତିକେଶ୍ୱର ସାହୁ,ତୁଷାର କୁମାର ସାହୁ,ବନିତା ସାହୁ, ପ୍ରଦୀପ କୁମାର ସାହୁ, ଯଯାତି ପଟ୍ଟନାୟକ, ପର୍ଶୁରାମ ବାରିକ, ମନୋଜ ପ୍ରଧାନ, ବିଭୁତି ସାହୁ, ବିରଞ୍ଚି ସାହୁ, ମିଲ୍ଲୀ ପ୍ରଧାନ, ସ୍ୱାଧୀନ ଅମ୍ପ, ଅନିତା ବିଶ୍ୱାଳ, କାଳନ୍ଦି ପ୍ରଧାନ, ପ୍ରଶାନ୍ତ ନନ୍ଦ ଙ୍କ ସମେତ ଶତାଧିକ କାର୍ଯ୍ୟକର୍ତା ଯୋଗ ଦେଇଥିଲେ।

# କନ୍ଧମାଳରେ ସାଂସଦଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ଫୁଲବାଣୀ,(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ରବିବାର ଓ ସୋମବାର ଦୁଇଦିନ ଧରି କନ୍ଧମାଳ ଜିଲ୍ଲାରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସାଂସଦ ଶ୍ରୀ ସାମନ୍ତ ରବିବାର ପୂର୍ବାହ୍ନରେ ଫୁଲବାଣୀରେ ଆୟୋଜିତ ବିରାଟ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ କନ୍ଧମାଳ ଜିଲ୍ଲାରେ ବିକାଶର ରଥ ଆଗେଇ ଚାଲିଛି ବୋଲି କହିଥିଲେ। କନ୍ଧମାଳ ଜିଲ୍ଲାବାସୀଙ୍କ ସହଯୋଗରେ କନ୍ଧମାଳକୁ ଏକ ନମ୍ବର ଜିଲ୍ଲାରେ ପରଣିତ କରିବା ପାଇଁ ସେ ଆହ୍ୱାନ କରିଥିଲେ। ପରେ ଶ୍ରୀ ସାମନ୍ତ ବାଲିଗୁଡ଼ା ବ୍ଲକର ୪ଟି ଦୁର୍ଗମ ପଞ୍ଚାୟତରେ ୧୫କୋଟି ଟଙ୍କା ବ୍ୟୟ ଅଟକଳରେ ବିଜୁ ସେତୁ ଯୋଜନାରେ ନିର୍ମାଣ ହେବାକୁ ଥିବା ୪ଟି ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବାଲିଗୁଡ଼ା ବ୍ଲକର ବାରଖମା ପଞ୍ଚାୟତ ଢେ଼ଲାମୁଣ୍ଡାଠାରୁ ଗତିଙ୍ଗିଆ ରାସ୍ତାରେ ୨କୋଟି ୮୭ଲକ୍ଷ ଟଙ୍କା ବ୍ୟୟରେ ଏବଂ ସଲାଗୁଡ଼ା ପଞ୍ଚାୟତ ସକରପଡ଼ି-ବୁକୁକିଆ ରାସ୍ତାରେ ୨କୋଟି ୯୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ସେତୁର ଭିତ୍ତିପ୍ରସ୍ତର ସ୍ଥାପନ କରିଥିବା ବେଳେ ବୁଡୁରୁକିଆ ପଞ୍ଚାୟତର ମାଦିନାଟ ନାଳ ଉପରେ ୫କୋଟି ୫ଲକ୍ଷ ଟଙ୍କା ଏବଂ ସିନ୍ଦ୍ରିଗାଁ ପଞ୍ଚାୟତର ଗାଡ଼ିଆଯୋଡ଼ି ନାଳ ଉପରେ ୩ କୋଟି ୯୬ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ହାଇ ଲେବଲ୍ ସେତୁର ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର, କନ୍ଧମାଳ ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାଇକିଆ ବ୍ଲକର ସୁଗଡ଼ାବାଡ଼ି-ଡ଼ିଗି ରାସ୍ତାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେବା ସହ ରାଇକିଆ, ଟିଆଙ୍ଗିଆ, କାନବାଗେରୀ, ଟିକାବାଲିଠାରେ ସଂଖ୍ୟାଲଘୁ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାଛଡ଼ା ରାଇକିଆଠାରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ରାଇକିଆ ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ପରେ ରାଇକିଆଠାରେ ୩ଟି ସ୍ୱଂୟ ସହାୟକ ଗୋଷ୍ଠୀର ମହିଳାଙ୍କୁ ନିଜସ୍ୱ ପାଣ୍ଠିରୁ ସିଲେଇ ମେସିନ୍ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ, ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସାଂସଦ ଶ୍ରୀ ସାମନ୍ତ ନିଜସ୍ୱ ପାଣ୍ଠିରୁ କନ୍ଧମାଳ ଜିଲ୍ଲାର ବିଭିନ୍ନ ବ୍ଲକରେ ମହିଳା ସ୍ୱଂୟ ସହାୟକ ଗୋଷ୍ଠୀକୁ ସିଲେଇ ମେସିନ୍ ବଣ୍ଟନ କରିଆସୁଛନ୍ତି। ଏହିସବୁ କାର୍ଯ୍ୟକ୍ରମରେ ଉପବାଚସ୍ପତି ସାଲୁଗା ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲ୍ଲିକ, କନ୍ଧମାଳ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସାଧବାଣୀ ନାୟକ, ରାଇକିଆ ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ବିଡିଓ ସୀମାଚଳ ମଣ୍ଡଳ ପ୍ରମୁଖ ଯୋଗଦେଇ ଥିଲେ।

# ଫିରିଙ୍ଗିଆଠାରେ କିନ୍ନର ମାନଙ୍କର ଜିଲ୍ଲା ସ୍ତରୀୟ ବୈଠକ ଅନୁଷ୍ଠିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନିତ ଉଚ୍ଚବିଦ୍ୟାଳୟ ଖେଳପଡିଆ ଠାରେ କନ୍ଧମାଳ ଜିଲ୍ଲା କିନ୍ନର ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁର୍ଗିମାତା କିନ୍ନର ସଂଘ ଫିରିଙ୍ଗିଆ ଶାଖା ଅନୁକ୍ୟଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଂଘ ର ସଭାପତି ମୁନି କିନ୍ନର ସଭାପତିତ୍ୱ କରିଥିବା ବେଳେ କନ୍ଧମାଳ ଜିଲ୍ଲା ରାଇକିଆ ର କିନ୍ନର ମାନଙ୍କ ଗୁରୁ ସଂଧ୍ୟାରାଣୀ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସାମାଜିକ ଦୁରତା ବଜାୟ ରଖି କୋଭିଡ ନିୟମ ଅନୁସାରେ ଆୟୋଜିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଘୁ.ଉଦୟଗିରି ରୁ ଝୁମୁକା ନାୟକ ,ବାଲିଗୁଡାରୁ ବିଷ୍ଣୁପ୍ରିୟା ପ୍ରଧାନ ,ତୁମୁଡିବନ୍ଧ ବ୍ଲକରୁ ସୁମନ ବାରିକ , ରାଇକିଆରୁ ଲିପସା କିନ୍ନର ,ଫୁଲବାଣୀରୁ ପାୟଲ କିନ୍ନର ,କ.ନୁଆଁଗାଁରୁ ନିଲୁ ବିଶୋୟୀ,ଖଜୁରିପଡା ବ୍ଲକରୁ ଶିତଲ କିନ୍ନର , କୋଟଗଡରୁ ସଂନ୍ଧ୍ୟା କିନ୍ନରଙ୍କ ସହ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରୁ ଜଣେ ଲେଖାଏଁ ପ୍ରତିନିଧି ଯୋଗ ଦେଇଥିଲେ । ଫିରିଙ୍ଗିଆ କିନ୍ନର ସଂଘର ସମ୍ପାଦକ ରିଙ୍କି କିନ୍ନର ଓ ମନିସା ମଲ୍ଲିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତେବେ କିନ୍ନର ମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏହା ସହ ସେମାନଙ୍କୁ ସରକାରୀ ପ୍ରୋତ୍ସାହନ ଭତା ପ୍ରଦାନ, ଉଚ୍ଚ ଶିକ୍ଷିତ କିନ୍ନର ମାନଙ୍କୁ ସରକାରୀ ଚାକିରି ଦେବା କିନ୍ନର ମାନଙ୍କୁ ସ୍ୱାୟଂସହାୟକ ଗୋଷ୍ଠୀ ଗଠନ କରିବା ଦିଗରେ ରାଜ୍ୟସରକାର ପଧକ୍ଷେପ ନେବା ଜରୁରି ବୋଲି ବୈଠକରେ ଆଲୋଚନା ହୋଇଥିଲା। । ଅନ୍ୟପଟେ ଫିରିଙ୍ଗିଆ ଠାରେ କିନ୍ନର ମାନଙ୍କ ବୈଠକ ପାଇଁ ଏକ ବୈଠକ ଗୃହ ଓ କରୋନ କଟକଣା ପାଇଁ ଜୀବିକା ହରାଇଥିବା କିନ୍ନର ମାନେ କିପରି ସରକାରୀ ସହୟତା ପାଇବେ ସେହି ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ହୋଇଥିବା ସମସ୍ତ ପ୍ରସ୍ତାବକୁ ଜିଲ୍ଲାପାଳଙ୍କୁ ଜଣାଇବା ନେଇ ଆଲୋଚନା ହୋଇଥିଲା ।

# ପ୍ରଧାନମନ୍ତ୍ରୀଙ୍କ ଯାଜପୁର ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ପ୍ରକଳ୍ପ ଘୋଷଣା କରିବାକୁ ଦାବି

ଭୁବନେଶ୍ୱର(ପି.ଏନ): ଆଗାମୀ ମାର୍ଚ୍ଚ ୫ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଚଣ୍ଡିଖୋଲ ଗସ୍ତ ସମୟରେ ଯାଜପର ରୋଡ୍-ଧାମରା ରେଳପଥ ନିର୍ମାଣ ହରିଦାସପୁର କେନ୍ଦ୍ରାପଡ଼ା ପାରାଦ୍ୱିପ ପର୍ଯ୍ୟ' ପାସେର ଟ୍ରେନ୍ ଚାଲୁ କରିବା ଧାନମଣ୍ଡଳ ଠାରେ ଇଣ୍ଡିଆନ ଅଏଲ ତରଫରୁ ତୈଳ ବିଶୋଧନଗାର ସ୍ଥାପନ କରିବା। ଓଡ଼ିଶାର ୪୮୦ କି.ମି. ବ୍ୟାପ୍ତ ସମୁଦ୍ର ତଟ ଅଂଚଳରେ ହେ'ାଳ ବଣ ସହ ଉଚ୍ଚ ବନ୍ଧ ଓ ରାସ୍ତା ନିର୍ମାଣ କରିବା। ପ୍ରକଳ୍ପ ଗୁଡ଼ିକୁ ପ୍ରଧାନମନ୍ତ୍ରୀ ୫ ତାରିଖ ତାଙ୍କ ଗସ୍ତ ସମୟରେ ଘୋଷଣା କରିବା ପାଇଁ ବରିଷ୍ଠ କଂଗ୍ରେସ ନେତା ପୂର୍ବତନ କଂଗ୍ରେସ କାର୍ଯ୍ୟକାରିଣି ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ଦୃଢ଼ ଦାବୀ କରିଛିଁ । ଦୈତାରୀ ପାରାଦ୍ୱିପ ତୋରିତ ରାଜପଥ ରାସ୍ତାକୁ ୮ଲେନ୍ ବିଶିଷ୍ଟ ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଏହାକୁ ଶୁଭ ଦେବା ନିର୍ମାଣ କାର୍ଯ୍ୟ ସରିନଥିବାରୁ ଏହାକୁ ଲୋକାର୍ପଣ କରିବା ସମୟ ଆସିନାହିଁ। ସେହପରି ଯାଜପୁର ରୋଡ଼ ଫ୍ଲାଇ ଓଭର ନିର୍ମାଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଟଙ୍କା ଦେବା ପରେ ନିର୍ମାଣ କରିବା ପାଇଁ ଟେଣ୍ଡର କରାଯାଇନଥିବାବେଳେ ଏହାକୁ ଲୋକାର୍ପଣ କରିବା ନିର୍ବାଚନ ପୂର୍ବରୁ ଏହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଯାଜପୁର-କେନ୍ଦୁଝର - ରାଉରକେଲା-ସୁନ୍ଦରଗଡ଼ ଅଂଚଳରୁ ହଜାର ହଜାର କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶକୁ ପଠାଯାଉଥିଲାବେଳେ ଏହି ଖଣିଜ ପଦାର୍ଥ ସରିଗଲା ପରେ ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଡ. ଖୁଂଟିଆ ପ୍ରଶ୍ନ କରିଛନ୍ତ। ଏଣୁ ଏ ସମସ୍ତ ଖଣିଜ ପଦାର୍ଥ ରପ୍ତାନ କରି ଯାଜପୁର କେନ୍ଦ୍ରଝର - ରାଉରକେଲା - ସୁନ୍ଦରଗଡ଼ ଅଂଚଳରେ ଏହି ଖଣିଜ ପଦାର୍ଥକୁ ବିନିଯୋଗ କରି ନୂତନ କଳକାରଖାନା ପ୍ରତିଷ୍ଠା କରିବା ପାଇଁ ଘୋଷଣା କରିବାକୁ ପ୍ରଧାନମନ୍ତ୍ରୀଙ୍କ ଠାରେ ଡ. ଖୁଂଟିଆ ଦାବୀ କରିଛିଁ । ଏହି ଉପରୋକ୍ତ ପ୍ରୋଜେକ୍ଟ ଗୁଡ଼ିକୁ ଘୋଷଣା କରାନଗଲେ ଏହା ପ୍ରଧାନମନ୍ତ୍ରୀଙ୍କର କେବଳ ଏକ ନିର୍ବାଚନ ସଭା ଏବଂ ଏହାକୁ କଂଗ୍ରେସ ଦଳ ତରଫରୁ ବିରୋଧ କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ମନୋଜ ରାଉତ କଂଗ୍ରେସ ନେତା, ଶ୍ରୀ ସନ୍ତୋଷ ନନ୍ଦ।

# ଫିରିଙ୍ଗିଆରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ୮୫ ୟୁନିଟ ରକ୍ତ ସଂଗୃହିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଦରମହକୁମା ଠାରେ ଥିବା ବିଜୁକଲ୍ୟାଣ ମଣ୍ଡପରେ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏହି ଶିବିର ଜିଲ୍ଲା ବିଜୁ ଜନତା ଦଳର ସଭାପତି ସରୋଜ କର୍ଣ୍ଣଙ୍କ ପରିଚାଳନାରେ ଆୟୋଜିତ ହୋଇଥିଲା । ଏଥିରେ କନ୍ଧମାଳ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ସାରତୀ ମଲ୍ଲିକ,ଜିଲ୍ଲା ବିଜେଡି ଯୁବ ସଭାପତି ବିଷ୍ଣୁଚରଣ ମଲ୍ଲିକ,ଫିରିଙ୍ଗିଆ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦ ପ୍ରଧାନ,ଜିଲ୍ଲା ପରିଷଦ ସଦସ୍ୟା ଜୟଶ୍ରୀ କହଁର,ସମିତି ସଭ୍ୟ ପ୍ରତାପ କୁମାର ସାହୁ,ବିଜୁ ଜନତା ଦଳ ଫିରିଙ୍ଗିଆ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସମେତ ଅନ୍ୟ ବିଜୁ ଜନତା ଦଳର କର୍ମୀମାନେ ଉପସ୍ଥିତ ରହି ରକ୍ତ ଦାନ କରିଥିଲେ ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗଦିସ୍ନ ମଧ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉ□ମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ରଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।




2025-2026

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2025

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ହୀଦ ବାଜି ରାଉତଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ଦାବିରେ ମହିଳା ଶିଶୁ ବିଭାଗ ମନ୍ତ୍ରୀଙ୍କୁ ସମାଜବାଦୀ ପାର୍ଟିର ପତ୍ର

ଭୁବନେଶ୍ୱର, (ପିଏନ)- ସ୍ୱାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତ (୫ ଅକ୍ଟୋବର ୧୯୨୬ - ୧୧ ଅକ୍ଟୋବର ୧୯୩୮)ଙ୍କ ନାମରେ ଜାତୀୟ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରିବା, ଜାତୀୟ ସ୍ତରରେ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା ଓ ରାଜଧାନୀରେ ବାଜି ରାଉତଙ୍କ ପ୍ରତିମୂର୍ତି ପ୍ରତିଷ୍ଠା ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଦେଶର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଇରାନୀଙ୍କ ପାଖକୁ ଆଜି ବାଜି ରାଉତଙ୍କ ୮୨ତମ ଶହୀଦ ଦିବସ ଉପଲକ୍ଷେ ଏକ ପତ୍ର ଲେଖାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଲିଖିତ ଏହି ପତ୍ରର ଏକକିତା ନକଲ ଦେଶର ପ୍ରଧାନମନ୍ତ୍ରୀ, କେନ୍ଦ୍ର ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ପ୍ରଦାନ କରାଯାଇ ଏ ଦିଗରେ ବିହିତ ପଦକ୍ଷେପ ନେବାପାଇଁ ଅନୁରୋଧ କରାଯାଇଛି । ଏହି ପତ୍ରରେ ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ, ୧୨ ବର୍ଷର ବାଳକ ବାଜି ରାଉତଙ୍କର ତ୍ୟାଗ ଅତୁଳନୀୟ । ଜାତୀୟ ଇତିହାସ ପୃଷ୍ଠାରେ ତାଙ୍କ ତ୍ୟାଗ ପାଇଁ ଯେଉଁ ସ୍ଥାନ ମିଳିବା କଥା, ତାହା ମିଳିପାରିନାହିଁ । ଦେଶର ସ୍ୱାଧୀନତା ସଂଗ୍ରାମରେ ସେ ଥିଲେ ସର୍ବକନିଷ୍ଠ ଶହୀଦ । ଆଜିର ପିଢୀ ତାଙ୍କ ଜୀବନୀରୁ ଅନେକ କିଛି ଶିଖିପାରିବ। ଆଜିର ଶିଶୁମାନଙ୍କ ଭିତରେ ବାଜି ରାଉତଙ୍କ ତ୍ୟାଗ ଓ ସାହାସର ବ୍ୟାପକ ପ୍ରଚାର ଓ ପ୍ରସାରର ଆବଶ୍ୟକତା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ଶହୀଦ ବାଜି ରାଉତଙ୍କ ନାମରେ ଜାତୀୟ ସ୍ତରରେ ଏକ ଶିଶୁ ସାହସିକତା ପୁରସ୍କାର ପ୍ରଦାନ କରାଯାଉ ଏବଂ ତାଙ୍କ ନାମରେ ଏକ ଶିଶୁ ପାର୍କ ପ୍ରତିଷ୍ଠା କରାଯାଇ ତାଙ୍କ ପ୍ରତିମୂର୍ତିକୁ ସେଠାରେ ସ୍ଥାନିତ କରାଯିବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ମଧ ଏ ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ନେବାପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଇ-ମେଲ୍ ଯୋଗେ ଏକ ପତ୍ର ପ୍ରଦାନ କରି ଅନୁରୋଧ କରିଛନ୍ତି ।

## ଚୋରା ମଦ ବିକ୍ରି ବନ୍ଦ କରିବାକୁ ଯାଇଥିବା ମହିଳା ପୁଲିସଙ୍କୁ ଆକ୍ରମଣ

# ଜଣେ ଗିରଫ, ଅନ୍ୟମାନେ ଫେରାର

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ତଥା ବିଶୋଇ ଥାନା ନିକଟ ଶନିବାର ସାପ୍ତାହିକ ହାଟରେ କେତେକ ମହିଳା ସବୁ ଦିନ ବସି ହାଣ୍ଡିଆ ସହ ମହୁଲି ମଦ ବିକ୍ରି କରିଥାନ୍ତି । କେବଳ ହାଟ ବାରି ଦିନ ହାଣ୍ଡିଆ ଓ ମଦ ପିଇବା ନିମନ୍ତେ ସେମାନଙ୍କ ନିକଟରେ ବେଶ ଗହଳି ଜମି ଥାଏ । ଏହି ହାଣ୍ଡିଆ ଓ ଦେଶୀ ମହୁଲି ମଦ ବିକ୍ରିକୁ ବନ୍ଦ କରିବା ନିମନ୍ତେ ବିଶୋଇ ଥାନା ମହିଳା ପୁଲିସ କର୍ମଚାରୀ ମଞ୍ଜୁଲତା ସାହୁ ହାଣ୍ଡିଆ ଓ ମଦ ବିକ୍ରି କରୁଥିବା ମହିଳାମାନଙ୍କୁ ତାଗିଦ କରିଥିଲେ । କିନ୍ତୁ ପୁଲିସର ସତର୍କବାଣିକୁ ମହିଳାମାନେ ନ ମାନି ସେମାନଙ୍କର ବ୍ୟବସାୟ ଜାରି ରଖିଥିଲେ । ଖବରପାଇ ବିଶୋଇ ଥାନା ମହିଳା ପୁଲିସ ପହଁଚି ହାଣ୍ଡିଆ ଓ ମଦ ବିକ୍ରିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବା ପରେ ଉଭୟଙ୍କ ମଧ୍ୟରେ ପ୍ରଥମେ କଥାକଟାକଟି ଓ ପରେ ହାତାହାତି ଆରମ୍ଭ ହୋଇଯାଇଥିଲା । ଦୁଇ ଜଣ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀ ଯାଇଥିବା ମହିଳା ପୁଲିସ କର୍ମଚାରୀମାନଙ୍କୁ ମିଳିତ ଭାବେ ଆକ୍ରମଣ କରିଥିଲେ । ଏହାପରେ ମହିଳା ପୁଲିସ କର୍ମଚାରୀ ମଧ ମହିଳା ହାଣ୍ଡିଆ ଓ ଚୋରା ଦେଶୀ ମଦ ବ୍ୟବସାୟୀମାନଙ୍କୁ ଆକ୍ରମଣ କରୁଥିବାର ଏକ ଭିଡ଼ିଓ ମଧ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା । ଏହାପରେ ମହିଳା ପୁଲିସ କର୍ମଚାରୀ ସ୍ଥାନୀୟ କାଣ୍ଡରା ଗ୍ରାମର କାପୁରା ମାର୍ଣ୍ଡିଙ୍କୁ ଧରି ଥାନାକୁ ନେଇ ଯାଇଥିଲେ ଏବଂ ଥାନାରେ ୯୯/୨୦୨୦ରେ ଏକ ମାମଲା ରୁଜୁ କରି ବେଆଇନ ଭାବେ ଚୋରା ମଦ ବିକ୍ରି କରିବା ଓ ପୁଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଭିଯୋଗରେ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି । ପୁଲିସ ପକ୍ଷରୁ ତାକୁ ଧରିବା ନିମନ୍ତେ ତଲାସୀ ଜାରି ଥିବାର ଜଣାପଡ଼ିଛି ।

# ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ

ଭୁବନେଶ୍ୱର, (ପିଏନ)- ଆନ୍ତର୍ଜାତୀୟ ବାଳିକା ଦିବସ ଅବସରରେ ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ଆଜି ପୂର୍ବାହ୍ନରେ ଆୟୋଜିତ ରାଜ୍ୟସ୍ତରୀୟ ୱେବିନାରରେ ରାଜ୍ୟର କିଶୋରୀମାନଙ୍କ ନିମନ୍ତେ ଜୀବନ କୌଶଳ ସମ୍ବନ୍ଧିତ ସ୍ୱତନ୍ତ୍ର ପ୍ୟାକେଜ ଅଦ୍ୱିକା ର ଲୋକାର୍ପଣ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି ମୋ ସ୍ୱର, ଆମର ସମାନ ଭବିଷ୍ୟତ । ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଏହି ପ୍ୟାକେଜ ଲୋକାର୍ପିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରାଜ୍ୟର ୧୦ରୁ ୧୯ ବର୍ଷ ବୟସର କିଶୋରୀମାନଙ୍କ ସାମଗ୍ରିକ ବିକାଶ ଏବଂ ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ଏବଂ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଜରିଆରେ ଏହା କାର୍ଯ୍ୟକାରୀ କରାଯିବ ।

ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ସାହୁ କହିଲେ, ଅଦ୍ୱିକାର ଅର୍ଥ ଅଦ୍ୱିତୀୟ କରି ଗଢ଼ି ତୋଳିବାରେ ଏହା ଏକ ଅଭିନବ ପ୍ରୟାସ । ନିଜ ସମସ୍ୟାକୁ ବୁଝିପାରିଲେ ନିଜ ଅଧିକାର ପାଇଁ ସେମାନେ ଲଢ଼ି ଶିଖିବେ ଏବଂ ସମାଜରେ ଦୃଢ଼ ଭାବେ ଠିଆ ହୋଇପାରିବେ । ପ୍ରତ୍ୟେକ ଝିଅଙ୍କ ସୁରକ୍ଷିତ, ସୁଖପୂର୍ଣ୍ଣ ଉଜ୍ଜ୍ୱଳ ଭବିଷ୍ତତ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Thursday May 8 ଭୁବନେଶ୍ୱର ଗୁରୁବାର, ୮, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପରେ ଯୁଦ୍ଧ ଅପାତ କାଳୀନ ସୁରକ୍ଷା ଅଭ୍ୟାସ କୌଶଳ

ପାରାଦୀପ,(ପି.ଏନ): କେନ୍ଦ୍ର ଗୃହ ମନ୍ତ୍ରଣାଳୟର ନିର୍ଦ୍ଦେଶ ଅନୁଯାୟୀ, ଭାରତ ସରକାର ଆଜି ଦେଶବ୍ୟାପୀ ସୁରକ୍ଷା ମକ ଡ୍ରିଲବା ଅଭ୍ୟାସ କୌଶଳ ଆୟୋଜନ ହେଉଅଛି, ଯାହା ୧୯୭୧ ମସିହା ପରେ ପ୍ରଥମ । ଏହି ଅଭ୍ୟାସ ଦେଶର ୨୪୪ଟି ଜିଲାରେ ଅନୁଷ୍ଠିତ ହେଉଛି, ଯେଉଁଥିରେ ଏୟାର ରେଡ ସାଇରନ, ବ୍ଲାକଆଉଟ ସିମୁଲେସନ ଏବଂ ନାଗରିକମାନଙ୍କୁ ଜରୁରୀକାଳୀନ ପରିସ୍ଥିତିରେ ସୁରକ୍ଷା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହି ଅଭ୍ୟାସରେ ସାଇରନ ପରୀକ୍ଷଣ, ବିଦ୍ୟୁତ ବନ୍ଦ ଅଭ୍ୟାସ ଇତ୍ୟାଦି ଅନ୍ତର୍ଭୁକ୍ତ । ଓଡ଼ିଶାରେ ଅନ୍ୟାନ୍ୟ ୧୨ ଟି ସ୍ଥାନ ସମେତ ପାରାଦୀପ ର ଦୁଇଟି ସ୍ଥାନରେ ଏହି ଡ୍ରିଲ ଆୟୋଜିତ ହୋଇଛି । ପ୍ରଥମଟି ଷଣ୍ଢକୁଦ ବସ୍ତି ଅଞ୍ଚଳରେ ହୋଇଥିବା ବେଳେ ଦ୍ୱିତୀୟ ଟି ନେହେରୁ ବଙ୍ଗଳା ଅଞ୍ଚଳରେ ଥିବା ଓଡ଼ିଶାର ପ୍ରଥମ ୭ମହଲା ବିଶିଷ୍ଟ କୋଠାଘର ଅଞ୍ଚଳରେ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଗତସିଂହପୁର ଜିଲ୍ଲାର



ଜିଲ୍ଲାପାଳ ଜେ ସୋନାଲ୍ ଙ୍କ ନେତୃତ୍ୱରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ, ଅଗ୍ନିଶମ ବାହିନୀ, ପୋଲିସ ପ୍ରଶାସନ , ଏନଡିଆରଏଫ, ଓଡ୍ରାଫ୍, ଏନସିସି କ୍ୟାଡେଟ୍, ସ୍କାଉଟ୍ ଆଣ୍ଡ୍ ଗାଇଡ୍ ଛାତ୍ର ଛାତ୍ରୀ ଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି । ତେବେ ଏହି ଅଭ୍ୟାସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜରୁରୀ କାଳୀନ ପରିସ୍ଥିତିରେ ନାଗରିକ ଏବଂ ପ୍ରଶାସନର ପ୍ରସ୍ତୁତିକୁ ମଜବୁତ କରିବା ଏବଂ ଜନସାଧାରଣଙ୍କ ଧନ ଜୀବନ ସୁରକ୍ଷିତ ରଖି ସମ୍ଭାବ୍ୟ ଯୁଦ୍ଧ ମୁକାବିଲା ବିପଦରୁ ନିଶ୍ଚିତ ଭାବରେ ରକ୍ଷା କରିବା । ତେବେ ଦୁଇଟି ସ୍ଥାନରେ ମକ୍ ଡ୍ରିଲ୍ କରିବାର ଉଦ୍ଦେଶ୍ୟ ହେଉଛି ବସ୍ତି ବାସିନ୍ଦାଙ୍କ ଓ ସହରାଞ୍ଚଳ ବାସିନ୍ଦା ଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା । ତେବେ ଏହି ଦୁଇଟି ମକ୍ ଡ୍ରିଲ୍ ଆଜି ସଫଳତାର ସହ ଶେଷ ହୋଇଛି ଏବଂ ଜିଲ୍ଲା ପ୍ରଶାସନ ସଦାସର୍ବଦା ଯେ କୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ଜଗତସିଂହପୁର ଜିଲ୍ଲାପାଳ ଜେ.ସୋନାଲ୍ କହିଛନ୍ତି ।

# ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ ରୁଦ୍ରାଂଶ କ୍ଲବ ଖଡ଼ଗପୁର ବିଜୟୀ

ବାସୁଦେବପୁର,(ପି.ଏନ):ବାସୁଦେବପୁର ଟାଉନ କ୍ଲବ ଦ୍ୱାରା ଆୟୋଜିତ ଜଗବନ୍ଧୁ ମେମୋରିଆଲ ଆନ୍ତଃ ରାଜ୍ୟ ଫୁଟବଲ ଟୁର୍ନାମେଣ୍ଟ ର ଦ୍ୱିତୀୟ ଦିନରେ ରୁଦ୍ରାଂଶ କ୍ଲବ ଖଡ଼ଗପୁର ଓ ପପୁଲାର କ୍ଲବ ଢେଙ୍କାନାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରୁଦ୍ରାଂଶୁ କ୍ଲବ ଖଡ଼ଗପୁର ପପୁଲାର କ୍ଲବ ଢେଙ୍କାନାଳକୁ ୩-୦ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ଉତୀର୍ଣ୍ଣ ହୋଇଛି । ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ରେ ଫ୍ଲଡ ଲାଇଟ ମଧ୍ୟରେ ଚାଲି ଥିବା ଏହି ଖେଳ ଦେଖିବା ପାଇଁ କ୍ରୀଡା ପ୍ରେମୀ ମାନେ ବହୁ ସଂଖ୍ୟା ରେ ଉପସ୍ଥିତ ହୋଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ଭାଗିରଥି ବଳ, ସହକାରୀ ଯନ୍ତ୍ରୀ ଆନିସ ସୁବୁଦ୍ଧି ରାୟ, ଯୁବ ନେତା ବିଜୟ କୁମାର ମହାନ୍ତିଙ୍କ ସମେତ ଟାଉନ



କ୍ଲବ ସମ୍ପାଦକ ମହେଶ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମାର୍ଦ୍ଧ ରେ ଖେଳ ଆମୀମାଂଶିତ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଖଡ଼ଗ ପୁର ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ତିନି ଶୂନ ଗୋଲ ରେ ବିଜୟୀ ହୋଇ ଥିଲା । ଏହି ଖେଳକୁ ରାମଚନ୍ଦ୍ର ବେସ୍ରା ଓ ମାନସ ବିଶ୍ୱାଳ, ଗଣେଶ୍ୱର ସିଂ, ଉତ୍ତମ ବାରିକ ପରିଚାଳନା କରିଥିଲେ ।

## ଚାରିଗାଁରେ ବିନା ଫଳକରେ ସୋଲାର ଲାଇଟ ପ୍ରକଳ୍ପ କାର୍ଯ୍ୟ ଚାଲିଛି

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ହରିଜନସାହିରେ ବିନା ଫଳକରେ ସୋଲାର ଷ୍ଟ୍ରୀଟ ଲାଇଟ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାୟୀ ଚାରିଗାଁ ହରିଜନସାହିରେ ୨୫ଟି ସୋଲାର ଷ୍ଟ୍ରୀଟ ଲାଇଟ ଲଗାଯିବା ପାଇଁ ଅନୁସୂଚିତ ଜାତି ଜନଜାତି ବିଭାଗ ପକ୍ଷରୁ ୬ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଛି । ଏହି ପ୍ରକଳ୍ପ ନିମନ୍ତେ ଟେଣ୍ଡର ଡକାଯାଇନଥିବା ବେଳେ ବିନା ଫଳକରେ କେତେକ ଲୋକ ଚାରିଗାଁ ହରିଜନସାହିରେ ସୋଲାର ଷ୍ଟ୍ରୀଟ ଲାଇଟ ଲଗାଉଥିବା ଗ୍ରାମବାସୀଙ୍କ ପକ୍ଷରୁ କଳାକାର ମଲିକ, ସୁଦାମ ମଲିକ, ବିଶ୍ୱଜିତ କବି, ପ୍ରଫୁଲ୍ଲ ମଲିକ, ରତ୍ନାକର ମଲିକ, ଅକ୍ଷୟ ମଲିକ, ସୂର୍ଯ୍ୟକାନ୍ତ ମଲିକ, ବୃନ୍ଦାବନ ମଲିକ, ପ୍ରମୋଦ ମଲିକ, ଅନନ୍ତ ମଲିକ, ମଦନ ମଲିକ ଓ ନାରାୟଣ ମଲିକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଏହି ପ୍ରକଳ୍ପ ନିମନ୍ତେ କାହାରିକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇନାହିଁ ।

## ଡିପିଏସ କଳିଙ୍ଗରେ ମେଗା ରକ୍ତଦାନ ଶିବିର ୨୫୦ୟୁନିଟ ରକ୍ତ ସଂଗ୍ରହ

ଫୁଲନଖରା,(ପି.ଏନ):କଟକ ସଦର ଥାନା ଅନ୍ତର୍ଗତ ଅଡାଳିଆ ସ୍ଥିତ ଗଢି ଉଠିଥିବା ଡିପିଏସ କଳିଙ୍ଗର ପ୍ରତିଷ୍ଠାତା ବିଶିଷ୍ଟ ଶିଳ୍ପପତି ସମାଜସେବୀ ଓ ଏସ ଏଲ ମୁଖ୍ୟ ଶ୍ରୀ ମହିମା ନନ୍ଦ ମିଶ୍ରଙ୍କ ଜନ୍ମଦିନ ଅବସରରେ ବିଦ୍ୟାଳୟ ପରିସରରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି. ଏହି ରକ୍ତଦାନ ଶିବିରରେ ୨୫୦ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା. ଏହି ରକ୍ତ ସଂଗ୍ରହକୁ କଟକ ରେଡକ୍ରସ ବ୍ଲଡ଼ ବ୍ୟାଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା.ଏହି ରକ୍ତଦାନ ଶିବିରରେ ବିଦ୍ୟାଳୟର ପ୍ରୋ ଭାଇସ ଚେୟାରମ୍ୟାନ ଶ୍ରୀମତୀ ମାଳା ମିଶ୍ରଙ୍କ ପ୍ରତେକ୍ଷ ତତ୍ତ୍ୱବୋଧନରେ ଅନୁଷ୍ଠିତ ଶିବିରକୁ ବିଦ୍ୟାଳୟର ଅଧକ୍ଷ ଶୁଭବ୍ରତ ମୁଖାର୍ଜୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ. ଏକଜୁକ୍ଟିଭ ଟ୍ରଷ୍ଟି ସୁନୟନା ପାତ୍ର, ଓ ଏସ ଏଲ ର ବରିଷ୍ଠ ଅଧିକାରୀ ପ୍ରଫୁଲ୍ଲ କୁମାର ପଣ୍ଡା, ଅଶୋକ କୁମାର ପ୍ରଧାନ ଓ ବିଦ୍ୟାଳୟର



ଯୁଗ୍ମ ପ୍ରଶାସକ ପ୍ରଶାନ୍ତ କୁମାର ପାଙ୍ଗି, ରେଡ଼କ୍ରସ ରକ୍ତ ଭଣ୍ଡାରର ସଂଯୋଜକ ଅବିନାଶ ଦାଶ, ଡକ୍ଟର ବିନାୟକ ପୃଷ୍ଟି, ବିଦ୍ୟାଳୟର ଉପାଧକ୍ଷ ସଞ୍ଜୟ କୁମାର ଜେନା, ସ୍ୱାତି ନାଥ, ପ୍ରଧାନ ଶିକ୍ଷକ ମୁସ୍ତାକ ମହମୋଦ ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ. ରକ୍ତଦାନ ଏକ ମହତ ଦାନ ଏହାଦ୍ୱାରା ସାଧାରଣ ଲୋକଙ୍କ ଜୀବନକୁ ବଞ୍ଚାଇବାରେ ସହାୟକ ହେବବୋଲି ମତ ବ୍ୟକ୍ତ କରିଥିଲେ. ଡିପିଏସ କଳିଙ୍ଗର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ. ଏଠାରେ ସୂଚନା ଯୋଗ୍ୟଯେ ୨୩ବର୍ଷତଳେ ଜଣେ ଶିଳ୍ପପତି, ସମାଜସେବୀ ଓ ପରୋପକାରୀ ମହିମାନନ୍ଦ ମିଶ୍ର ଡିପିଏସ କଳିଙ୍ଗ ବିଦ୍ୟାଳୟ ପ୍ରତିଷ୍ଠା କରି ଏକ ଅଗ୍ରଣୀ ସି ବି ଏସ ଇ ବିଦ୍ୟାଳୟ ଭାବେ ରାଜ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି. ଶ୍ରୀ ମିଶ୍ରଙ୍କ ଜନ୍ମଦିନ ଅବସରରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକମାନେ ଜନ୍ମଦିନର ଶୁଭେଚ୍ଛା ଜଣାଇ ରକ୍ତଦାନ ଶିବିର ଆୟୋଜନ କରିଥିଲେ ।

## ଗଜପତିରେ ଭାରସାମ୍ୟ ହରାଇ ଘାଟିରୁ ୩୦ ଫୁଟ୍ ତଳକୁ ଖସିଲା ଟ୍ରକ୍

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ମୋହନା ଥାନା ଅଧୀନରେ ପୃଥକ ଦୁର୍ଘଟଣା ଘଟିଛି । ଜରଡ ଘାଟିରେ ଘାଟିରୁ ଟ୍ରକ୍ ୩୦ ଫୁଟ୍ ତଳକୁ ଖସି ଦୁର୍ଘଟଣାଗସ୍ତ ହୋଇଛି । ଟ୍ରକରେ ଥିବା ଦୁଇ ଜଣ ଗୁରୁତର ଆହତ ହୋଇଥିବା ବେଳେ ଟ୍ରକ୍ ଚାପାରେ ଗୋଟିଏ ଗାଇର ମୃତ୍ୟୁ ହୋଇଛି । ସେହିପରି ପଦାଗାଁ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇ ୫ ଗୁରୁତର ଆହତ ହୋଇଛନ୍ତି । ଗୋବିନ୍ଦପୁର ପଞ୍ଚାୟତ ଶାଧିନଗର ଜରଉ ଘାଟିରେ ୩୦ ଫୁଟ୍ ତଳକୁ ଖସିଲା ଜନା ବୋଝେଇ ଟ୍ରକ୍ । ମୋହନାରୁ ଗଞ୍ଜାମ ଜିଲ୍ଲା ବଡ଼ଗଡ଼, ସୋରଡ଼ା ଯିବାବେଳେ ଘାଟିରେ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଛି । ଟ୍ରକ୍ ଚାଳକ ଜି.ପାଥୁଆ ରାଜି(୩୮) ଚାପି ହୋଇ ଗାଡ଼ି ଭିତରେ ରହିଯାଇଥିଲେ । ସ୍ଥାନୀୟ ଲୋକ ଓ ପୁଲିସ କର୍ମଚାରୀ ପହଞ୍ଚି ଉଦ୍ଧାର କରିଛନ୍ତି । ସେହିପରି ଟ୍ରକରେ ଥିବା ଅନ୍ୟ ଜଣେ ମଧ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଆହତଙ୍କୁ ଉଦ୍ଧାର କରି ଗଞ୍ଜାମ ଜିଲ୍ଲା ବଡ଼ଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି. ଅନ୍ୟ ରାସ୍ତା କଡ଼ରେ ଗୋରୁ ଚରୁଥିଲେ । ଟ୍ରକ ତଳେ ଚାପି ହୋଇ ଗୋଟିଏ ଗାଇର ମୃତ୍ୟୁ ଘଟିଛି । ଘଟଣା ସ୍ଥଳେ ମୋହନା ପୁଲିସ ତଦନ୍ତ କରୁଛି.ସେହିପରି ଅଡ଼ବା ଥାନା ପଦାଗାଁ ନିକଟରେବାଇକ୍ ମୁହାଁମୁହିଁ ଧକ୍କା ହୋଇଛି । ଦୁଇ ବାଇକ୍‌ରେ ଥିବା ୬ଜଣଙ୍କ ମଧ୍ୟରୁ ୫ ଗୁରୁତର ଆହତ ହୋଇଛନ୍ତି । ମୋହନାର ରିତେଶ ନାୟକ (୨୦), ଆମାଶ ନାୟକ (୧୮), ଭୁରୁଡି ଗାଁର ଜିରିମିୟା ମାଝୀ (୧୮), ଆମାଶ ମାଝୀ (୧୮) ଓ ସଞ୍ଜୀବ ନାୟକ (୧୮) ଗୁରୁତର ଆହତଙ୍କୁ ମୋହନା ଡାକ୍ତରଖାନାରୁ ବ୍ରହ୍ମପୁର ସ୍ଥାନାନ୍ତରିତ କରାଯାଇଛି ।

# ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ଆଲମଣ୍ଡ

ଭୁବନେଶ୍ୱର,(ପି.ଏନ): ଦୈନନ୍ଦିନ ଜୀବନର ବ୍ୟସ୍ତତା ଭିତରେ ମା'ଟିଏ ନିଜର ଆବଶ୍ୟକତା ଠାରୁ ନିଜକୁ ସମ୍ପୂର୍ଣ୍ଣ ଭାବରେ ଦୂରେଇ ଦେଇଥାଏ ଏବଂ ନିଜ ଶରୀରର ଯତ୍ନ ନେବାକୁ ଭୁଲିଯାଏ । ତେଣୁ ଏହି ମାତୃତ୍ୱ ଦିବସରେ ନିଜ ମାଙ୍କ ପାଇଁ ବାଛନ୍ତୁ କାଲିଫର୍ଣ୍ଣିଆ ଆଲମଣ୍ଡ ଭଳି ଏକ ଯତ୍ନଭରା ଉପହାର, ଯାହା ଦିନସାରା ତାଙ୍କୁ ନିଜର ଅଗଣିତ କାର୍ଯ୍ୟ ପାଇଁ ଶକ୍ତି, ସୁସ୍ଥତା ତଥା ଅନ୍ୟାନ୍ୟ ତ୍ୱଚ ସମ୍ବନ୍ଧିତ ପୋଷଣ ଲାଭକାରୀତା ପ୍ରଦାନ କରିଥାଏ । ୧୫ଟି ଜରୁରୀ ପୌଷ୍ଟିକତତ୍ତ୍ୱରେ ଭରପୂର କାଲିଫର୍ଣ୍ଣିଆ ଆଲମଣ୍ଡ ଭିଟାମିନ ଇ, ମ୍ୟାଗ୍ନେସିୟମ, ଖାଦ୍ୟପୋଯୋଗୀ ତନ୍ତୁ, ସ୍ୱାସ୍ଥ୍ୟପୋଯୋଗୀ ଚର୍ବି ତଥା ପ୍ରୋଟିନର ପ୍ରାକୃତିକ ଉତ୍ସ ଅଟେ । ଗୋଟିଏ ମୁଠା ଆଲମଣ୍ଡକୁ ନିଜର ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବା ଦ୍ୱାରା ଏହା ହୃଦୟସ୍ୱାସ୍ଥ୍ୟ, ଓଜନ ପରିଚାଳନାର ସହାୟତା ତଥା ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏସମ୍ପର୍କରେ ବଲିଉଡ ଅଭିନେତ୍ରୀ ସୋହା ଅଲ୍ଲୀ ଖାଁ କହିଛନ୍ତି, 'ମୁଁ ମୋ ମା'ଙ୍କ ପାଇଁ ଏକ ସ୍ୱତନ୍ତ୍ର ମିଠା ତିଆରି କରିବାକୁ ପସନ୍ଦ କରେ ଯାହା




ଉଭୟ ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ଅଟେ, ଏବଂ ମୁଁ ସର୍ବଦା ଭଲ ଏବଂ ସ୍ୱାସ୍ଥ୍ୟର ଅତିରିକ୍ତ ବୃଦ୍ଧି ପାଇଁ କାଲିଫର୍ଣ୍ଣିଆ ଆଲମଣ୍ଡ ମିଶାଇଥାଏ । ଏବେ ଏହା ଆହୁରି ଖାସ ହୋଇଛି ଯେ ମୋ ଝିଅ ମଧ ଏହାକୁ ଗ୍ରହଣ କରିଛି- ସେ ମୋ ଭଳି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଉଥିବା ଉପହାର ଚୟନ କରିବା ଆରମ୍ଭ କରିଛି ।' ଫିଟ୍‌ନେସ ତଥା ଲୋକପ୍ରିୟ ଉପଦେଷ୍ଟା ୟସମିନ କରାଚିୱାଲା କହିଛନ୍ତି, 'ଏହି ମାତୃ ଦିବସରେ, ମୁଁ ଚାହୁଁଛି ଯେ ପ୍ରତ୍ୟେକ ମା' ମନେ ରଖନ୍ତୁ- ଆପଣଙ୍କ ସ୍ୱାସ୍ଥ୍ୟ ମଧ ଗୁରୁତ୍ୱପୂର୍ଣ୍ଣ । ଫିଟ୍ ନେସ୍ ପାଇଁ ସମୟ ବାହାର କରିବା ଏବଂ ଆଲମଣ୍ଡ ଭଳି ସରଳ, ସ୍ୱାସ୍ଥ୍ୟକର ଖାଦ୍ୟ ବାଛିବା ଅନ୍ୟ ସମସ୍ତଙ୍କ ଯତ୍ନ ନେବା ସହିତ ନିଜର ଯତ୍ନ ନେବାର ଏକ ଉତମ ଉପାୟ ।' ରୀତିକା ସମାଦ୍ଦାର, ଆଂଚଳିକ ମୁଖ୍ୟ ଡ଼ାଇଟେଟିକ୍ସ, ମାକ୍ସ ହେଲ୍‌ଥକେୟାର, ନୂଆଦିଲ୍ଲୀ କହିଛନ୍ତି, 'ମୁଠା ଭରା ଆଲମଣ୍ଡର ଦୈନିକ ସେବନ ଭରପୂର ପେଟର ଅନୁଭବ ପ୍ରଦାନ କରିବା ସହିତ ଏହା ଏକ ସବୁଠାରୁ ଭଲ ଶକ୍ତିସ୍ତର ତଥା ଶରୀର ଆବଶ୍ୟକ କରୁଥିବା ଜରୁରୀ ପୋଷଣ ପ୍ରଦାନ କରିଥାଏ ।'ସମାନ ରୂପେ ନ୍ୟୁଟ୍ରିସିଆନ ତଥା ୱେଲନେସ ଉପଦେଷ୍ଟା ଶୀଲା କ୍ରିଷ୍ଣାସ୍ୱାମୀ କହିଛନ୍ତି, 'ଆଲମଣ୍ଡ ଏଲଡିଏଲ କୋଲେଷ୍ଟ୍ରଲ କୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ଏବଂ ହୃଦୟ କ୍ଷତିକାରକ ପ୍ରଦାହକୁ ହ୍ରାସ କରିଥାଏ । ବ୍ୟସ୍ତ ବହୁଳ ଜୀବନ ଯାପନ କରୁଥିବା ମହିଳାମାନଙ୍କ ପାଇଁ, ହୃଦୟ ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ସୁସ୍ଥତାକୁ ସମର୍ଥନ କରିବା ପାଇଁ ମୁଠାଏ ଆଲମଣ୍ଡ ଏକ ସରଳ, ପୁଷ୍ଟିକର ଉପାୟ ହୋଇପାରେ ।' ଡ଼କ୍ଟର ଗୀତିକା ମିତଲ, ଚର୍ମ ବିଶେଷଜ୍ଞ ଏବଂ କସମେଟୋଲୋଜିଷ୍ଟ, ଦକ୍ଷିଣ ଭାରତର ଜଣେ ଲୋକପ୍ରିୟ ଅଭିନେତ୍ରୀ ଶ୍ରୀୟା ସରନ, ଭାରତର ଜଣେ ଲୋକପ୍ରିୟ ଅଭିନେତ୍ରୀ ବାଣୀ ଭୋଜନ ମଧ୍ୟ ଆଲମଣ୍ଡକୁ ଏକ ସ୍ୱାସ୍ଥ୍ୟଭରା ଉପହାର ବୋଲି ସହମତ ଅଟନ୍ତି ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray